## ସଂକ୍ଷେପରେ

### କୂଅରୁ ଚନ୍ଦ୍ରମଣ୍ଡଳ ବୋଡ଼ା ସାପ ଉଦ୍ଧାର

**ସଜନାଗଡ଼,୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ଏନ୍‌ଏସି ଅଧୀନ କଦମ୍ବସାହି ନିକଟସ୍ଥ ପୂର୍ଣ୍ଣଚନ୍ଦ୍ର କରଙ୍କ କୂଅରୁ ଏକ ୪ ଫୁଟ୍ ଲମ୍ବ ବିଶିଷ୍ଟ ଚନ୍ଦ୍ରମଣ୍ଡଳ ବୋଡ଼ା ସାପ ମଙ୍ଗଳବାର ଅପରାହ୍ନରେ ଉଦ୍ଧାର କରାଯାଇଛି। ସ୍ନେକ୍ ଲାଇଫ୍ ଲାଇନ୍ ସଦସ୍ୟ ଜଗବନ୍ଧୁ ବେହେରା, ସୁଶାନ୍ତ ମହାପାତ୍ର, ଅଶୋକ ବେହେରା ଉପସ୍ଥିତ ରହି ସାପଟିକୁ ଉଦ୍ଧାର କରିଥିଲେ। ପରେ ଏହାକୁ ନେଇ ନୀଳଗିରି ଫରେଷ୍ଟ ରେଞ୍ଜ ସ୍ୱର୍ଣ୍ଣଚୂଡ଼ ପାହାଡ଼ରେ ଛାଡ଼ି ଦିଆଯାଇଛି। ଅନୁରୂପ ଭାବେ ନୀଳଗିରି ବ୍ଲକ ଅଧିନ ଶିଆଡ଼ିମାଳ ଅଞ୍ଚଳର ଭଗବାନ ମଲ୍ଲିକଙ୍କ ଘରୁ ଏକ ୭ ଫୁଟ୍ ଲମ୍ବର ଗୁଣ୍ଡୁଚି ନାଗ ସାପ ଉଦ୍ଧାର କରାଯାଇ ସ୍ୱର୍ଣ୍ଣଚୁଡ଼ ପାହାଡ଼ରେ ଛାଡ଼ି ଦିଆଯାଇଛି।

### ଔପଦା ମେଳଣରେ ୨୩ ବିମାନ

**ଔପଦା,୧୧।୩ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକ ସଦର ବଜାର ଦୋଳ ମଣ୍ଡପରେ ଶ୍ରୀଜୀଉମାନଙ୍କର ୨୩ଟି ବିମାନ ଶୋଭା ପାଇ ଥିଲା। ଏହି ଉତ୍ସବରେ ବହୁ ଶ୍ରଦ୍ଧାଳୁ ଓ ଦର୍ଶକଙ୍କଭିଡ଼ ଜମି ଥିଲା। ଭଜନ, କୀର୍ତ୍ତନ, ଉପାସନା, ଆରାଧନା ଓ ଅବିର ଖେଳରେ ପରିବେଶ ମୁଖରିତ ହୋଇ ଉଠି ଥିଲା। ଭଜନ ସନ୍ଧ୍ୟା ଓ ପାଲା ପରିବେଷଣାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ୧୦ ତାରିଖ ରାତି ୩ଟା ବେଳେ ଶ୍ରୀରାଧାକୃଷ୍ଣଙ୍କର ସୁସଜ୍ଜିତ ବିମାନକୁ ଶୋଭାଯାତ୍ରାରେ ରଙ୍ଗବେରଙ୍ଗର ବାଣରୋଷଣୀ ପ୍ରଦର୍ଶନ ତଥା ଘଣ୍ଟା, ଘଣ୍ଟ, ଖୋଳ, କରତାଳାଦି ବାଦ୍ୟଯନ୍ତ୍ର ବଜାଇ ଶୋଭାଯାତ୍ରାରେ ଅଣାଯାଇଥିଲା। ଭିଡ଼ ନିୟନ୍ତ୍ରଣ ପାଇଁ ଔପଦା ଥାନାଧିକାରୀ ସୁଜାତା ଖମାରିଙ୍କ ନେତୃତ୍ୱରେ ପୋଲିସ ତରଫରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସଫଳତାର ସହ ଉତ୍ସବ ପାଳିତ ହୋଇଥିବାରୁ ଦୋଳଯାତ୍ରା କମିଟି ତରଫରୁ ପୂର୍ବତନ ବ୍ଲକ ଅଧକ୍ଷ ପ୍ରତାପ ଚନ୍ଦ୍ର ଦାଶ, ଗୋପାଳ ପ୍ରସାଦ ନାୟକ ପ୍ରମୁଖ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନୁରୂପ ଭାବେ ଔପଦା ବ୍ଲକର ଫତେପୁର ପଞ୍ଚାୟତର କସପା ଦୋଳ ଉତ୍ସବ ସମାରୋହରେ ଅନୁଷ୍ଠିତ ହୋଇଥିଲା।

### ସଫେଇ କାର୍ଯ୍ୟକ୍ରମ

**ପଦ୍ମପୁର,୧୧।୩(ଡି.ଏନ.ଏ.):** ବାସୁଦେବପୁର ବ୍ଲକ ବ୍ରାହ୍ମଣୀ ଗାଁଠାରେ ପୋଲିସ ଓ ପ୍ରେସ କ୍ଲବ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ପ୍ରସନ୍ନ କ୍ଷେମେଶ୍ୱର ମନ୍ଦିର ପରିସର, ବ୍ରାହ୍ମଣୀ ଗାଁ ବଜାର, ମେଳଣ ପଡ଼ିଆ ଚତୁଃପାର୍ଶ୍ୱରେ ଥିବା ଅଳିଆ ସଂଗ୍ରହ କରାଯାଇ ପୋଡ଼ି ଦିଆଯାଇଥିଲା। ପ୍ରେସ କ୍ଲବ ସଦସ୍ୟମାନେ ପରିବେଶ ସଚେତନତା ବାର୍ତ୍ତା ସ୍ଲୋଗାନ ଦେଇ ବଜାର ପରିକ୍ରମା କରିବା ସହ ଦୋକାନୀମାନଙ୍କୁ ପରିବେଶ ସ୍ୱଚ୍ଛ ରଖିବା ପାଇଁ ସଚେତନ କରାଇଥିଲେ। ଥାନାଧିକାରୀ ମଧୁମିତା ମହାନ୍ତି, ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ, ବିନୋଦ ବିହାରୀ ହେମ୍ବ୍ରମ, ସରପଞ୍ଚ ହରିହର ଶିଅଳ, ପ୍ରେସ କ୍ଲବ ସଭାପତି ରମାକାନ୍ତ ବାରିକ, କାର୍ଯ୍ୟକାରୀ ସଭାପତି କାଳିପଦ ରାୟ, ସଭ୍ୟ କିରିଟି ଦାସ, ସିଙ୍କୁ ଦେ, ବୈଲୋଚନ ସାହୁ, ରାଜା ଦାସ, ରତନ ମହାନ୍ତି, କୈଳାସ ଚନ୍ଦ୍ର ସାହୁଙ୍କ ସହ ଗ୍ରାମର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

### ରଙ୍ଗ ଖେଳ କାଳ ହେଲା

**ସଜନାଗଡ, ୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ଶିଆଡିମାଳ ପଞ୍ଚାୟତ ସୀତାପତିପୁର ଗ୍ରାମର ବୁଗାଳି ଡ୍ୟାମରେ ମଙ୍ଗଳବାର ମଧାହ୍ନରେ ନିଶିକାନ୍ତ ସାଏବାବୁ ରଙ୍ଗ ଖେଳି ସାରି ଗାଧୋଉଥିବା ବେଳେ ନିଖୋଜ ହୋଇଯାଇଥିଲେ। ନୀଳଗିରି ଓ ବାଲେଶ୍ୱରରୁ ଅଗ୍ନିଶମ ବିଭାଗ ପହଞ୍ଚି ଖୋଜାଖୋଜି କରିଥିଲେ। ନିଖୋଜ ହେବାର ୫ ଘଣ୍ଟା ପରେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ନୀଳଗିରି ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନା, ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଉପସ୍ଥିତ ଥିଲେ। ଏହି ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

# ଡେକାନ ୱାରିୟର୍ସ ଚାମ୍ପିୟନ, ସି ଟାଇଗର୍ସ ରନର୍ସଅପ୍

## ବାଲେଶ୍ୱର ପ୍ରିମିୟର ଲିଗ୍ ୧୧ ଉଦ୍‌ଯାପିତ

**ବାଲେଶ୍ୱର ଅଫିସ,୧୧।୩**

ବାଲେଶ୍ୱର ପ୍ରିମିୟର ଲିଗ୍-୧୧ର ଫାଇନାଲ ମ୍ୟାଚ୍ ଡେକାନ ୱାରିୟର୍ସ ଓ ସି ଟାଇଗର୍ସ ମଧ୍ୟରେ ସ୍ଥାନୀୟ ପରମିଟ୍ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ୨୦ ଓଭରରେ ଡେକାନ ୱାରିୟର୍ସ ବ୍ୟାଟିଂକରି ୧୨୦ ରନ୍ ସଂଗ୍ରହ କରିଥିବାବେଳେ ସି ଟାଇଗର୍ସ ନିର୍ଦ୍ଧାରିତ ଓଭରରେ ୯ ଉଇକେଟ୍ ହରାଇ ୧୦୭ ରନ୍ କରି ପରାସ୍ତ ହୋଇଛି। ଫଳରେ ଡେକାନ ୱାରିୟର୍ସ ଚାମ୍ପିୟନ ଓ ସି ଟାଇଗର୍ସ ରନର୍ସଅପ୍ ହୋଇଥିଲା।

ମ୍ୟାଚ୍‌ରେ ଡେକାନ ୱାରିୟର୍ସ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୨୦ ରନ୍ କରିଥିଲା। ଦଳ ତରଫରୁ ରୋନାଲ୍ଡ ଦାସ ୨୬ ରନ୍, ପ୍ରଦୀପ୍ତ ଦାସ ୪୪ ରନ୍ କରିଥିବାବେଳେ ସି ଟାଇଗର୍ସ ତରଫରୁ ଆଇଏସ୍ ଗିରି ସର୍ବାଧିକ ୪ଟି ଓ ଚନ୍ଦନ ସାହୁ ୨ଟି ଉଇକେଟ୍ ନେଇଥିଲେ। ଜବାବରେ ସି-ଟାଇଗର୍ସ ସମ୍ପୂର୍ଣ୍ଣ ୨୦ ଓଭର ଖେଳି ମଧ୍ୟ ୯ଟି ଉଇକେଟ୍ ହରାଇ ୧୦୭ ରନ୍ କରିବାକୁ ସମର୍ଥନ ହୋଇ ୧୩ ରନ୍‌ରେ ପରାଜୟ ବରଣ କରିଛି। ଦଳ ତରଫରୁ ଏମ୍‌ଡ଼ି ଆକ୍ରାମ ୨୦ ରନ୍, ଚନ୍ଦନ ସାହୁ ୨୯ ରନ୍ କରିଥିବାବେଳେ ଡେକାନ ତରପରୁ ଲେଲିନ କୁମାର ବଳ ଓ ନିର୍ବିଶଙ୍କର ବାରିକ ୩ଟି ଲେଖାଏଁ ଓ ପ୍ରଦୀପ୍ତ ଦାସ ୨ଟି ଉଇକେଟ୍ ନେଇଥିଲେ। ପ୍ରଦୀପ୍ତ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।

0ଅମିତ ଅମିତାଭ ମହାକୁଡ଼, ଅଶ୍ୱିନୀ ସାମଲ ଓ ପ୍ରୀତିରଞ୍ଜନ ବିଜୟ ସିଂ ମ୍ୟାଚ ପରିଚାଳନା କରିଥିବାବେଳେ ସୌମେନ୍ଦ୍ର ସାହୁ ଓ ରାହୁଲ ସିଂ ସ୍କୋରର ଦାୟିତ୍ୱରେ ଥିଲେ। ମ୍ୟାଚ୍ ପରେ ସଂଗଠନ ତରଫରୁ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକ, ସମ୍ମାନନୀୟ ଅତିଥି ଭାବେ କଳିଙ୍ଗ ଗ୍ରୁପ୍ ଅଫ୍ ପ୍ରୋପଟିସ୍‌ଜ ଅଧକ୍ଷ ମନୋଜ କୁମାର ଜେନା, ଅର୍ବାନ କୋ. ବ୍ୟାଙ୍କର ଶାଖା ପରିଚାଳକ ଘଡ଼ାଇ ଏବଂ ପଲ୍ଲଭି ଗ୍ରୁପ୍‌ର ପରିଚାଳକ ପ୍ରକାଶ ନାୟକ ଉପସ୍ଥିତ ରହି ଚାମ୍ପିୟନ ଦଳକୁ ୫୫,୫୫୫ ଓ ରନର୍ସଅପ୍ ଦଳକୁ ୪୪,୪୪୪ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଦିବ୍ୟଶକ୍ତି ଚକ୍ରବର୍ତ୍ତୀଙ୍କୁ ବେଷ୍ଟ ବ୍ୟାଟ୍ସମ୍ୟାନ୍, ନିର୍ବିଶଙ୍କର ବାରିକଙ୍କୁ ବେଷ୍ଟ ବୋଲର, ମ୍ୟାନ୍ ଅଫ୍ ଦି ଲିଗ୍ ପାଇଁ ନରୋତ୍ତମ ଭଞ୍ଜଙ୍କୁ ପୁରସ୍କୃତ କରାଯାଇ ଥିଲା। ୧୬ ବର୍ଷରୁ କମ୍ ଓଡ଼ିଶା ଦଳରେ ସ୍ଥାନ ପାଇଥିବା ଭବିଷ୍ୟ ବେହେରା ଏବଂ ୧୬ ବର୍ଷରୁ କମ୍ ମହିଳା ଦଳ ଓଡ଼ିଶାରେ ସ୍ଥାନ ପାଇଥିବାଅଙ୍କିତା ଗିରି, ରାଷ୍ଟ୍ରୀୟ କବାଡ଼ି ଦଳରେ ସ୍ଥାନ ପାଇଥିବା ଲକ୍ଷ୍ମୀଧର ଜେନାଙ୍କୁ ସମ୍ମାନୀତ କରାଯାଇଥିଲା। ସିଦ୍ଧେଶ୍ୱର ଟୁଡୁ, ସତ୍ୟଜିତ ସିଂ, ସବିଲା ଖାତୁନ, ଜଗନ୍ନାଥ ମୁର୍ମୁଙ୍କୁ ଜାତୀୟ ଖୋଖୋ ଦଳକୁ ମନୋନୀତ ହୋଇଥିବାରୁ ସମ୍ମାନୀତ କରାଯାଇଥିଲା। ଶେଷରେ ସଂଗଠନର ଅଧକ୍ଷ ଲକ୍ଷ୍ମୀନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଅଭ୍ୟୁଦୟ ଦାସ ମଞ୍ଚ ପରିଚାଳନା କରିଥିଲେ।



ଚାମ୍ପିୟନ ଟ୍ରଫି ସହ ବିଜୟୀ ଦଳ ଓ ଅତିଥି।

## ରଙ୍ଗଖେଳ ସାଙ୍ଗକୁ ଜମିଲା ଶୋଭାଯାତ୍ରା, ଲୋକନୃତ୍ୟ

**ରେମୁଣା,୧୧।୩(ଡି.ଏନ.ଏ.)**

କ୍ଷୀରଚୋରା ରାମାୟଣ ପ୍ରଚାରିଣୀ ସମିତି ଆନୁକୂଲ୍ୟରେ ୩୨ ବର୍ଷ ଧରି ପାଳନ କରାଯାଇ ଆସୁଛି ଦୋଳ ଉତ୍ସବ ଓ ଗୋପୀନାଥଙ୍କ ମିଳନ ମହୋତ୍ସବ । ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ଦିନ ପୂର୍ବାହ୍ନରେ ମାଧବେନ୍ଦ୍ର ଗୌଡ଼ୀୟ ମଠରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କ ମନୋରମ ଶୋଭାଯାତ୍ରା ବାହାରି ପୁରୁଷୋତ୍ତମପୁର, ରୁଦ୍ରପୁର, ଗୌଡ଼ଦାଣ୍ଡ, ଡିହରେମୁଣା, ଅଠାନ୍ତର, ମେଣ୍ଟରା ଆଦି ଗାଁ ପରିକ୍ରମା କରି ଗାର୍ଗେଶ୍ୱର ମହାଦେବ ପୀଠ ଦେଇ ଗୋପୀନାଥଙ୍କ ମନ୍ଦିରରେ ପହଞ୍ଚିଥିଲେ । ରେମୁଣା ଇସ୍କନ ସହିତ୧୦ଟି ସଙ୍କୀର୍ତ୍ତନ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ ରଙ୍ଗ ଖେଳ ସାଙ୍ଗକୁ ଲୋକ ନୃତ୍ୟ ଭାଲୁ ନାଚ, ଅସୁର ଅସୁରୁଣୀ ନାଚ, କଣ୍ଢେଇ ନାଚ, ହୋଲିକା ନାଚ ପ୍ରଦର୍ଶନ ଆକର୍ଷଣ ସୃଷ୍ଟି କରିଥିଲା । ମଧ୍ୟାହ୍ନରେ ଶୋଭାଯାତ୍ରା ଗୋପୀନାଥଙ୍କ ମନ୍ଦିର ପହଂଚିବା ପରେ ବିମାନକୁ ମଣ୍ଡପରେ ସ୍ଥାପନ କରାଯାଇ ଆରତୀ କରାଯାଇଥିଲା । ଏଥିରେ ଅନେକ ଶ୍ରଦ୍ଧାଳୁ ସାମିଲ ହୋଇଥିଲେ ।

## ଯୁବ ନେତୃତ୍ୱ ଓ ଗୋଷ୍ଠୀ ନିର୍ମାଣ ପ୍ରଶିକ୍ଷଣ

**ରେମୁଣା,୧୧।୩(ଡି.ଏନ.ଏ.)**

ନେହେରୁ ଯୁବ କେନ୍ଦ୍ର ଆନୁକୂଲ୍ୟରେ ଯୁବ ନେତୃତ୍ୱ ଓ ଗୋଷ୍ଠୀ ନିର୍ମାଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରେମୁଣା କ୍ଷୀରଚୋରା ମନ୍ଦିର ନିକଟ ଯାତ୍ରୀ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି । ୩ ଦିନ କରି ଦୁଇଟି ପର୍ଯ୍ୟାୟରେ ୮୦ଜଣ ଯୁବତୀ ଯୁବକ ପ୍ରଶିକ୍ଷଣ ନେଇଥିଲେ । ଗୋଷ୍ଠୀଗତ ଆଲୋଚନା ସାଙ୍ଗକୁ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଦୟାନିଧି ପରିଡ଼ା ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଯୁବକେନ୍ଦ୍ର ପକ୍ଷରୁ କିରଣ କୁମାର ନାଥ, ଘନଶ୍ୟାମ ନାୟକ, ପୂଜାର୍ଚ୍ଚନା ଷଡ଼ଙ୍ଗୀ, ଜ୍ୟୋତ୍ସ୍ନାରାଣୀ ଦଳେଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ୩ ପାଣିପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ

**ବନ୍ତ,୧୧।୩(ଡି.ଏନ.ଏ.)**

ବନ୍ତ ଜଳସେଚନ କାର୍ଯ୍ୟାଳୟଠାରେ ବୁଧବାର ୨୭, ୨୮ ଓ ୩୧ନଂ. ପାଣି ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ୨୭ନଂ.ପାଣିପଞ୍ଚାୟତର ସଭାପତି ଭାବେ ପୂର୍ଣ୍ଣଚନ୍ଦ୍ର ରାଉତ, ସମ୍ପାଦକ ମାନସ କୁମାର ଦାଶ ଓ କୋଷାଧ୍ୟକ୍ଷ ଭାବେ ରତ୍ନାକର ରାଉତ ନିର୍ବାଚିତ ହୋଇଛନ୍ତି। ୨୮ନଂ. ପାଣିପଞ୍ଚାୟତର ସଭାପତି ଭାବେ ଚନ୍ଦ୍ରମା ମହାନ୍ତି, ସମ୍ପାଦକ ଗଣନାଥ ନାୟକ, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ଜେନା, ୩୧ନଂ.ପାଣିପଞ୍ଚାୟତର ସଭାପତି ସୁଧୀର ନାୟକ, ସମ୍ପାଦକ ପ୍ରବୀର ରାଉତ, କୋଷାଧ୍ୟକ୍ଷ ଭାବେ ରମେଶ ରାଜ ନିର୍ବାଚିତ ହୋଇଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ରୋଗଶଯ୍ୟାରେ ପଡ଼ିଥିବା ଖବରଦାତାଙ୍କୁ ଭେଟିଲେ କେନ୍ଦ୍ରମନ୍ତ୍ରୀ, ବିଧାୟକ

**ସଜନାଗଡ଼,୧୧।୩(ଡି.ଏନ.ଏ.)**

ନୀଳଗିରିର ବରିଷ୍ଠ ଖବରଦାତା ରତ୍ନାକର ବେହେରା (୬୮) ଆଜିକୁ ଦୁଇମାସ ହେବ ପାରାଲିସେସ୍ ରୋଗରେ ଆକ୍ରାନ୍ତ ହୋଇ ଶଯ୍ୟାଶାୟୀ ହୋଇପଡିଛନ୍ତି। ତାଙ୍କୁ ପ୍ରଥମେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ କିଛିଦିନ ଚିକିତ୍ସିତ ହେବା ପରେ ସ୍ୱାସ୍ଥ୍ୟରେ କିଛି ପରିବର୍ତ୍ତନ ହେବାରୁ ପରିବାର ଲୋକେ ତାଙ୍କୁ ନିଜ ବାସଭବନ ନୀଳଗିରି ଏନ୍‌ଏସି ଅଧୀନ କାହାଲିଆକୁ ନେଇ ଆସିଛନ୍ତି। କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଓ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ତାଙ୍କ ବାସଭବନକୁ ଯାଇ ବେହେରାଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ପରେ ତାଙ୍କ ସ୍ୱାସ୍ଥ୍ୟର ଆଶୁ କାମନା କରିବା ସହ ତାଙ୍କୁ କିଛି ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇଥିଲେ।

## ଶିଳ୍ପାଞ୍ଚଳରେ ଅଗ୍ନିନିର୍ବାପକ ପ୍ରଶିକ୍ଷଣ

**ରେମୁଣା,୧୧।୩(ଡି.ଏନ.ଏ.)**

ଜାତୀୟ ସୁରକ୍ଷା ସପ୍ତାହ ପାଳନ ଅବସରରେ ନୋସି ପକ୍ଷରୁ କଳକାରଖାନାର କର୍ମକର୍ତ୍ତାଙ୍କୁ ଅଗ୍ନି ନିର୍ବାପକ ବ୍ୟବସ୍ଥାର ସୁପରିଚାଳନା ଲାଗି ପ୍ରଶିକ୍ଷଣ ଦିଆଯାଇଥିଲା। ଗଣେଶ୍ୱରପୁର ଶିଳ୍ପାଞ୍ଚଳରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରରେ ଜିଲାର ୨୫ରୁ ଅଧିକ କଳକାରଖାନାରେ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ବରିଷ୍ଠ କେନ୍ଦ୍ରାଞ୍ଚଳ ଅଗ୍ନିଶମ ଅଧିକାରୀ ଭାବଗ୍ରାହୀ ଘଡ଼େଇ, ବାଲେଶ୍ୱର ସର୍କଲର ଉପ ଅଗ୍ନିଶମ ଅଧିକାରୀ ରମେଶ ଚନ୍ଦ୍ର ସେଠୀ, ଜିଲା ଅଗ୍ନିଶମ ଅଧିକାରୀ ପୁରନ ସୋରେନ, ଜଳେଶ୍ୱର ଅଗ୍ନିଶମ ଅଧିକାରୀ ପ୍ରକାଶ ମୁଦୁଲି ପ୍ରମୁଖ ଉପସ୍ଥିତଥିଲେ। ଶେଷରେ ମକ୍ ଡ୍ରିଲ କରାଯାଇଥିଲା।

# ବିଭିନ୍ନ ସ୍ଥାନରେ ମେଳଣ

### ୭ ଶହ ବର୍ଷର କାଳୀନହଣ ମେଳଣ

**ବାସୁଦେବପୁର,୧୧।୩(ଡି.ଏନ.ଏ.)**

ବାସୁଦେବପୁର ଭେଡ଼ା ଓ ଆଙ୍କୁଡ଼ା ପ୍ରଗଣା ୨୪ କୋଶର ସର୍ବପୁରାତନ କାଳୀନହଣ ମେଳଣ। ଏହି ମେଳଣକୁ ୭ ଶହ ବର୍ଷ ଟପିଲାଣି। ସଂସ୍କୃତି ଓ ଭାଇଚାରାର କଥା କହେ ଏହି ମେଳଣ। ଭେଡ଼ା ଓ ଆଙ୍କୁଡ଼ା ପ୍ରଗଣାର ତତ୍କାଳୀନ ରାଜା ବାସୁଦେବ ମୁଡ଼ଳ ହରିଚନ୍ଦନ ଭୂୟାଁ ଚୌଧୁରୀ ଏହି ଦୋଳପର୍ବ ହୋଲି ତଥା ମେଳଣ ଉତ୍ସବର ଶୁଭାରମ୍ଭ କରିଥିଲେ। ହୋଲି, ଫଗୁଖେଳ ଓ ମେଳଣରେ ସବୁବର୍ଗର ଲୋକଙ୍କ ସହଯୋଗରେ ମହିଷାପଦାର ୧୦ଏକରରୁ ଉର୍ଦ୍ଧ୍ୱ ପଡ଼ିଆରେ ରାଜବଂଶ ପକ୍ଷରୁ ପ୍ରଥମେ ମେଳଣ ଶୁଭାରମ୍ଭ ହୋଇଥିଲା। ଚଳିତବର୍ଷ ମହିଷାପଦା ମେଳଣରେ ଦୋଳଗୋବିନ୍ଦ, ଗୋପୀନାଥ, ଗୋପାଳ, ଲକ୍ଷ୍ମୀନାରାୟଣ, ରାଧାଗୋବିନ୍ଦ, ରଘୁନାଥ, ବୃନ୍ଦାବନ, ରାଧାମାଧବ, ଚୈତନ୍ୟ ମହାପ୍ରଭୁ, ମଦନମୋହନ, ଶ୍ୟାମସୁନ୍ଦର ଓ କ୍ଷେମେଶ୍ୱର ଜୀଉ ବିମାନ ଆସି ସାମିଲ ହୋଇଥିଲେ। ହୋଲି ଉତ୍ସବ ରାତିଠାରୁ ମେଳଣ ପର୍ବ ଆରମ୍ଭ ହୋଇ ଦୁଇଦିନ ପର୍ଯ୍ୟନ୍ତ ଚାଲୁ ରହେ। ବୁଧବାରଠାରୁ ମେଳଣ ମଣ୍ଡପରେ ଗୀତାଯଜ୍ଞର ଆୟୋଜନ କରାଯାଇଥିଲା। ରାଧାକୃଷ୍ଣ, ହରପାର୍ବତୀଙ୍କ ବିଗ୍ରହ ଯଜ୍ଞ ବେଦୀଠାରେ ମଧ୍ୟ ନିର୍ମାଣ କରାଯାଇଛି। କାଳୀନହଣ ଦୋଳ ମେଳଣ କମିଟି ସଭାପତି ଶ୍ୟାମସୁନ୍ଦର ପଟ୍ଟନାୟକ, ସମ୍ପାଦକ କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସଙ୍କ ସମେତ କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ଉତ୍ସବ ଅନୁଷ୍ଠିତ ହୋଇଛି। ମେଳଣ ଓ ଯଜ୍ଞ ନିମନ୍ତେ ମହିଷାପଦା ଉତ୍ସବମୁଖର ହୋଇଛି।

ଉଲ୍ଲେଖନୀୟ ଯେ, ଆଙ୍କୁଡ଼ା ପ୍ରଗଣାର ଆରାଧ୍ୟ ଦେବତା ପ୍ରସନ୍ନ ଦେବଙ୍କ ଚଳନ୍ତି ବିଗ୍ରହ ଦୋଳଗୋବିନ୍ଦଜୀଉଙ୍କୁ ବିମାନରେ ପ୍ରସନ୍ନ ଦେବଙ୍କ ମନ୍ଦିରରୁ ରାଜଉଆସକୁ ହୋଲିପର୍ବର ୩ଦିନ ପୂର୍ବରୁ ନିଆଯାଏ। ରାଜାଙ୍କ ଉଆସରେ ୩ଦିନ ପୂଜା ପାଇବା ପରେ ହୋଲି ସନ୍ଧ୍ୟାଠାରୁ ବିରାଟ ପଟୁଆରରେ ଦୋଳଗୋବିନ୍ଦଙ୍କୁ ମହିଷାପଦା ମେଳଣ ପଡ଼ିଆକୁ ନିଆଯାଇଥାଏ। ସେଠାରେ ପ୍ରଥମେ ସେ ଉପବେସନ କରିବା ପରେ ତାଙ୍କ ନିମନ୍ତ୍ରଣରେ ଭେଡ଼ା ଓ ଆଙ୍କୁଡ଼ାରୁ ଆସୁଥିବା ବିମାନ ନିଜ ସ୍ଥାନ ଅଳଙ୍କୃତ କରିଥାନ୍ତି। ଏହି ମେଳଣରୁ କାଳକ୍ରମେ ଅଲଗା ହୋଇ ବ୍ରାହ୍ମଣୀଗାଁ, ଗଦଳା, କାଳିଆପଦା ସମେତ ବିଭିନ୍ନ ମେଳଣ ହେଉଛି।


ବ୍ରାହ୍ମଣୀଗାଁ ମେଳଣ ପଡ଼ିଆରେ ସୁସଜ୍ଜିତ ବିମାନ।

### କୁମ୍ଭଭାର ଧରି ଗ୍ରାମ ପରିକ୍ରମା କଲେ

**ବନ୍ତ,(ଡି.ଏନ.ଏ.)**–ବନ୍ତ ବ୍ଲକ ଗଣିଜାଙ୍ଗ ପଞ୍ଚାୟତ ଦାସସାହି, ବେହେରା ସାହି, ନର୍ଦ୍ଧା ସାହିରେ ଗୋପାଳମାନେ ପ୍ରତିବର୍ଷ ପରି ଚଳିତବର୍ଷ ଦୋଳ ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରିଛନ୍ତି। ଶତାଧିକ ଗୋପାଳ ସ୍ଥାନୀୟ ପୁଷ୍କରିଣୀରେ କଳସ ବୁଡ଼ାଇବା ସହ କୁମ୍ଭଭାର ଧରି ବାଜା ରୋଶଣିରେ ଗ୍ରାମ ପରିକ୍ରମା କରିଥିଲେ। ସନ୍ଧ୍ୟାରେ ପୁରୁଣା ହରିହାଟଠାରେ ଶାଳଗାନ, ବାଡିଖେଳ, ଅବିର ଖେଳ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ପଞ୍ଚାନନ ଦାସ, ରାଜେନ୍ଦ୍ର ଦାସ, ସୁକାନ୍ତ ମୁଦୁଲି, ସନ୍ତୋଷ କବି, ଅମୂଲ୍ୟ ବେହେରା, ସୁଶାନ୍ତ ଦାସ, ଅଶୋକ ବାରିକ, ଶିବ ବାରିକ ଓ ମୁକ୍ତିକାନ୍ତ ଦାସ ସହାୟତା କରିଥିଲେ। ସେହିପରି ରାମକୃଷ୍ଣପୁର ଗୋପାଳ ସାହିରେ ଦୋଳ ଉତ୍ସବ ପାଳନ କରାଯାଉଛି। ଏଠାରେ ରାଧାକୃଷ୍ଣଙ୍କ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯାଉଛି। ପୂଜକ ଧରଣୀଧର ପଣ୍ଡା ପୂଜା କାର୍ଯ୍ୟ ତୁଲାଇଥିଲେ। ଏହି ଉତ୍ସବ ୭ ଦିନ ଧରି ଚାଲିବାକୁ ଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହେଉଛି।

### ଶ୍ରୀଜୀଉଙ୍କ ଶୋଭାଯାତ୍ରା

**ଧାମନଗର,(ଡି.ଏନ.ଏ.)**–ଧାମନଗର ବ୍ଲକର ବିଭିନ୍ନ ସ୍ଥାନରେ ମେଳଣ ଚାଲିଛି। ସୋମବାର ରାତିରେ ପଦାମେଳଣ ସୂର୍ଯ୍ୟପୁର ମେଳଣ ପଡ଼ିଆକୁ ବିଭିନ୍ନ ଗ୍ରାମରୁ ଜୀଉମାନଙ୍କୁ ଶୋଭାଯାତ୍ରାରେ ଅଣାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ଖିରି ବଣ୍ଟନ କାର୍ଯ୍ୟକ୍ରମ ହୋଇଥିଲା। ପଦାମେଳଣ ଦିନ ସ୍ଥାନୀୟ ଖବରଦାତାଙ୍କ ଦ୍ୱାରା ଖିରି ପ୍ରସାଦ ବଣ୍ଟନ କରାଯାଇଥାଏ। ସେହି ଅନୁସାରେ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଖିରି ବଣ୍ଟାଯାଇଥିଲା। ଧାମନଗର ପ୍ରେସ୍ କ୍ଲବ ସମ୍ପାଦକ ପ୍ରଦୀପ ମହାପାତ୍ର, କାର୍ଯ୍ୟକାରୀ ସଭାପତି କିଷାନ ରାଉତ, ଖବରଦାତା ଦିନବନ୍ଧୁ ଦାଶ, ରମେଶ ବେହେରା, ସୁଦୀପ୍ତ ଖଟୁଆ ପ୍ରମୁଖ ପରିଚାଳନା କରିଥିଲେ। ଅର୍ଜୁନପୁର ଗ୍ରାମ ମେଳଣ ମଣ୍ଡପରେ ୧୭ଟି ବିମାନରେ ଜୀଉମାନେ ପ୍ରବେଶ କରିଥିଲେ। ମଙ୍ଗଳବାର ଜୀଉମାନଙ୍କର ଘର ବାହୁଡ଼ା ହୋଇଥିଲା। ରାତିରେ ପ୍ରସିଦ୍ଧ ବୟାଙ୍ଗ ମେଳଣ, ଲୁଣିଆ ମେଳଣ ଏବଂ ଶହୀଦନଗର ମେଳଣ ମଣ୍ଡପକୁ ଜୀଉମାନଙ୍କୁ ବିମାନରେ ଅଣାଯାଇଥିଲା। ବୁଧବାର ଭୋରରେ ପର୍ଯ୍ୟାୟକ୍ରମେ ଜୀଉମାନଙ୍କର ମେଳଣ ମଣ୍ଡପରେ ଅବସ୍ଥାନ ପରେ ଦିଅଁ ଦର୍ଶନ ଏବଂ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା। ଗୁରୁବାର ମେଳଣ ମଣ୍ଡପରୁ ଜୀଉମାନେ ଘର ବାହୁଡ଼ିବେ। ଚଳିତବର୍ଷ କେବଳ ଲୋକବାଦ୍ୟରେ ବିମାନ ଆଗମନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଧୂଷୁରୀ ଥାନା ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଛି।

### ଟିହିଡ଼ି ମେଳଣର ରଜତ ଜୟନ୍ତୀ ସମାରୋହ


ବାସୁଦେବପୁର ମେଳଣ ମଣ୍ଡପକୁ ବିଜେ କରିଥିବା ବିମାନ।

**ଟିହିଡ଼ି,(ଡି.ଏନ.ଏ.)**–ଟିହିଡ଼ି ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ତେବେ ଟିହିଡ଼ି ମେଳଣ ୨୫ ବର୍ଷରେ ପଦାର୍ପଣ କରିଥିବାରୁ ମେଳଣ କମିଟି ପକ୍ଷରୁ ଚଳିତବର୍ଷ ରଜତ ଜୟନ୍ତୀ ସମାରୋହ ପାଳନ କରାଯାଇଥିଲା। ଏହି ଉପଲକ୍ଷେ ମଙ୍ଗଳବାର ପୂର୍ବାହ୍ନରେ ଅନୁଷ୍ଠିତ ସଭାରେ କମିଟିର କାର୍ଯ୍ୟକାରୀ ସଭାପତି ବିଜୟ ନାୟକ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ମୁଖ୍ୟବକ୍ତା ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଅନ୍ୟତମ ଅତିଥି କବି ସଞ୍ଜିତ ବଳ, ଅନ୍ୟତମ ବକ୍ତା ଭଦ୍ରକ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ, ବ୍ଲକ ପ୍ରାଣୀ ଚିକିତ୍ସାଧିକାରୀ ରଞ୍ଜନ ଦାସ, ସାମାଜିକ କର୍ମୀ ରଘୁନାଥ ପାତ୍ର ଓ ପାର୍ଥସାରଥି ନାୟକ ଯୋଗ ଦେଇଥିଲେ। ସମ୍ପାଦକ ସଚିକାନ୍ତ ନାୟକ ବିବରଣୀ ଏବଂ ଗାଳ୍ପିକ କୈଳାସ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। କୋଷାଧ୍ୟକ୍ଷ ପ୍ରଭାତ ରାଉଳ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମେଳଣର ପ୍ରତିଷ୍ଠାତା ପୂର୍ବତନ ସରପଞ୍ଚ ବୈରାଗୀ ନାୟକଙ୍କ ସମେତ ଟିହିଡ଼ି ଗ୍ରାମର ୬ ପ୍ରମୁଖ ବ୍ୟକ୍ତି ଓ ଠାକୁରବାଡ଼ିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି କର୍ମକର୍ତ୍ତା ଶରତ କର, ରମାକାନ୍ତ ନାଥ, ବିଷ୍ଣୁ ଦାଶ, ତାରାକାନ୍ତ ଜେନା, ରଣଜିତ୍ ଦାସ, ବାଇଧର ହାତୀ, ବସନ୍ତ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଐତିହାସିକ କାଳିମେଘା ମେଳଣ ଦୋଳପୂର୍ଣ୍ଣିମା ରାତିରୁ ଆରମ୍ଭ ହୋଇ ପରଦିନ ଅପରାହ୍ନରେ ଶେଷ ହୋଇଥିଲା। ଅବିର ଖେଳରୁ ଆରମ୍ଭ ହୋଇଥିବା ଏହି ମେଳଣ କାଦୁଅ ଖେଳରେ ସରିଥିଲା। ଝାଡ଼ପଟା ଓ କୋହ୍ଲର ବଡ଼ଦାଣ୍ଡ ମେଳଣ ଅନୁଷ୍ଠିତ ହୋଇଯାଇଛି।

### ବ୍ରାହ୍ମଣୀଗାଁ ମେଳଣରେ ୪୩ ବିମାନ

**ପଦ୍ମପୁର/ବାସୁଦେବପୁର,(ଡି.ଏନ.ଏ.)**– ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁ ମେଳଣ ଅନୁଷ୍ଠିତ ହୋଇଯାଇଛି। ଏଥର ମେଳଣ ପଡ଼ିଆକୁ ୪୩ଟି ବିମାନ ପ୍ରବେଶ କରିଥିଲା। ସୋମବାର ରାତିରେ ଲୁଙ୍ଗା, ଆରୁହା, ଅରଣ୍ଡୁଆ, ସୁଗୋ, କାଞ୍ଚପଡ଼ା, ବ୍ରାହ୍ମଣୀଗାଁରୁ ଜୀଉମାନଙ୍କୁ ହଜାର ହଜାର ଶ୍ରଦ୍ଧାଳୁ ଆକର୍ଷଣୀୟ ଫୁଲରେ ସଜାଇ ବାଦ୍ୟ ନୃତ୍ୟ ସହ ନିଜର ବିଜେ ସ୍ଥାନରୁ ନେଇ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ମଙ୍ଗଳବାର ଭୋର ୩ଟାରେ ଜୀଉମାନେ ପ୍ରସନ୍ନକ୍ଷେମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ପହଞ୍ଚି ରାଧାମାଧବଙ୍କଠାରୁ ଅବିର ଲାଗି ହୋଇଥିଲେ। ଶ୍ରଦ୍ଧାଳୁମାନଙ୍କ ସହ ବିଭିନ୍ନ ଠାକୁରବାଡ଼ିରୁ ଆସିଥିବା ସେବାୟତ ଜୀଉମାନଙ୍କୁ ମନ୍ଦିରରୁ ମେଳଣ ପଡ଼ିଆକୁ ନେବା ସମୟରେ ମେଳଣ ପୋଖରୀଠାରେ ପରିକ୍ରମା କରିଥିଲେ। ଏହାପରେ କ୍ରମାନ୍ୱୟରେ ଜୀଉମାନଙ୍କୁ ମଣ୍ଡପରେ ବିଜେ କରାଯାଇଥିଲା। ଦିବସବ୍ୟାପୀ ଜୀଉଙ୍କର ପୂଜାର୍ଚ୍ଚନା ସହ ଯଜ୍ଞ, ସଂକୀର୍ତ୍ତନ ଓ ପ୍ରସାଦ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟ ବୋର୍ଡର ସଭାପତି ନିମାଇଁ ଚରଣ ଦାସ, ଉମାକାନ୍ତ ମହାପାତ୍ର, ରବୀନ୍ଦ୍ର ଦାସ, ମଧୁସୂଦନ ପାଢ଼ୀ, ଅରୁଣ କୁମାର ଶତପଥୀ, ପ୍ରିୟାଂଶୁ ମିଶ୍ର, ସରପଞ୍ଚ ହରିହର ଶିଅଳ ପ୍ରମୁଖ ସହଯୋଗ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ଥାନାଧିକାରୀ ମଧୁମିତା ମହାନ୍ତି ଓ କର୍ମଚାରୀଙ୍କ ସମେତ ଶୃଙ୍ଖଳା କମିଟିର ୬୩ ସଭ୍ୟ, ୧୫ ସ୍ୱେଚ୍ଛାସେବୀ ସହାୟତା କରିଥିଲେ।

### ଟ୍ରଷ୍ଟବୋର୍ଡ, ସେବାୟତ ବିବାଦ

**ପଦ୍ମପୁର,(ଡି.ଏନ.ଏ.)**–ବାସୁଦେବପୁର ବ୍ଲକ ବ୍ରାହ୍ମଣୀଗାଁଠାରେ ବାବା ପ୍ରସନ୍ନ କ୍ଷେମେଶ୍ୱର ଟ୍ରଷ୍ଟ ବୋର୍ଡ ଓ ସେବାୟତଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ନୃସିଂହନାଥ ଜୀଉଙ୍କୁ ଗ୍ରାମରେ ବିଜେ ପାଇଁ ଟ୍ରଷ୍ଟବୋର୍ଡ ଜୀଉଙ୍କୁ ସେବାୟତମାନଙ୍କୁ ଦେଇ ନ ଥିଲେ। ସେବାୟତମାନେ ଜୀଉଙ୍କୁ ନେବା ପାଇଁ ଅଡ଼ି ବସିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ଲିଖିତ ଭାବେ ସ୍ୱାକ୍ଷର କରି ନେବାକୁ କହିଥିଲେ। ଏହାକୁ କେନ୍ଦ୍ରକରି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ବାସୁଦେବପୁର ଥାନାଧିକାରୀ ମଧୁମିତା ମହାନ୍ତି, ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ, ବିନୋଦ ବିହାରୀ ହେମ୍ବ୍ରମ ପ୍ରମୁଖ ସେଠାରେ ପହଞ୍ଚିଥିଲେ। ସେବାୟତ ଟ୍ରଷ୍ଟର ସଭ୍ୟମାନଙ୍କ ସହ ଆଲୋଚନା ପରେ ଥାନାଧିକାରୀ ଓ ଗଣମାଧ୍ୟମର ପ୍ରତିନିଧି, ଗ୍ରାମବାସୀ ଟ୍ରଷ୍ଟ ବୋର୍ଡଠାରୁ ଜୀଉଙ୍କୁ ନେବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଜୀଉଙ୍କୁ ବିଜେ କରାଯାଇଥିଲା। ଗ୍ରାମବାସୀ କୈଳାସ ଚନ୍ଦ୍ର ସାହୁ, ଟ୍ରଷ୍ଟି ରମେଶ ଚନ୍ଦ୍ର ସାହୁ, ଉତ୍ପଳ ପାଢ଼ୀ, ସରପଞ୍ଚ ହରିହର ଶିଅଳ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ଅସଦାଚରଣ: ୨ ଗିରଫ

ରାଇରଙ୍ଗପୁର,୧୧।୩ (ଡ଼ି.ଏନ୍.ଏ.)- ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ନୁରୁବାଦଡା ଗ୍ରାମରେ ଏକ ନଳକୂଅ ପାଣି ବ୍ୟବହାର କରିବାକୁ ନେଇ ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା(ନଂ.୩୦/୨୦୨୦) ରୁଜୁ କରିଛି। ଅଭିଯୁକ୍ତ କାଳିଚରଣ ମହାନ୍ତ ଏବଂ ତାଙ୍କ ସାନ ଭାଇ ବାଦଲ ମହାନ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

### ଶ୍ରମିକଙ୍କ ଆତ୍ମହତ୍ୟା

ରାଇରଙ୍ଗପୁର,୧୧।୩(ଡ଼ି.ଏନ୍.ଏ.)- ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ହାଟବାଦଡା ନିକଟସ୍ଥ ଦୁବୁଲାବେଡା ଗ୍ରାମାଞ୍ଚଳ ଦେବ୍ରାବେଡା ବସ୍ତୀ ଅଞ୍ଚଳରେ ଶ୍ରମିକ ଭାବେ କାମ କରୁଥିବା ଜଣେ ବ୍ୟକ୍ତି ସୋମବାର ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ସଞ୍ଜୟ ସିଙ୍କୁ। ତାଙ୍କ ଘର ଝାରଖଣ୍ଡ ରାଜ୍ୟ କୁମ୍ଭାରଡୁଙ୍ଗୁରୀ ଥାନା ଅନ୍ତର୍ଗତ ଜାମବଣୀ ଗ୍ରାମରେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୬/୨୦୨୦) ରୁଜୁ ହୋଇଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇ ନାହିଁ।

### ଅଲେଖ ଧର୍ମାବଲମ୍ବୀଙ୍କ ପଣାଟେକା ଉତ୍ସବ

କୋଷ୍ଠା,୧୧।୩(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ଶୂଳିଆପଦା ବ୍ଲକର ବିଭିନ୍ନ ଗ୍ରାମରେ ଦୀର୍ଘବର୍ଷ ଧରି ବସବାସ କରିଆସୁଥିବା ମହିମା ଅଲେଖ ଧର୍ମାବଲମ୍ବୀମାନେ ପିତୃପୁରୁଷଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଫାଲଗୁନ ପୂର୍ଣ୍ଣିମା ଅବସରରେ ପଣାଟେକା ଉତ୍ସବ ପାଳନ କରି ଆସୁଛନ୍ତି । ମହିମା ଅଲେଖ ଧର୍ମାବଲମ୍ବୀ ପ୍ରଶ୍ନ ଦତ୍ତଙ୍କ ପୁତ୍ର ସୁଧାଂଶୁ କୁମାର ଦତ୍ତ, ପୂର୍ଣ୍ଣଚନ୍ଦ୍ର ସାତୁଆଙ୍କ ପୁତ୍ର ପ୍ରଦୀପ ସାତୁଆ ପ୍ରମୁଖଙ୍କ ନେତୃତ୍ୱରେ ଏହି ଉତ୍ସବ ପାଳନ ହୋଇଆସୁଛି । ଆଖପାଖ ଗ୍ରାମର ଅଲେଖ ଭକ୍ତ, ଯୋରନ୍ଦା କିମ୍ବା ଅନ୍ୟସ୍ଥାନରୁ ପୁରୁଖା ମହିମା ଧର୍ମାବଲମ୍ବୀ ଆସି ଏହି ମେଳାକୁ ଆରମ୍ଭ କରିଥାନ୍ତି। ପବିତ୍ର ଅଖଣ୍ଡ ଧୂନି ଜାଳି ଘୃତଦୀପ ପ୍ରଜ୍ୱଳନ ସହିତ ଗ୍ରାମର ତଥା ଏ ପୃଥିବୀର ମଙ୍ଗଳ ପାଇଁ ଅଲେଖ ମହିମାଙ୍କୁ ପ୍ରାର୍ଥନା ସହିତ ଖଞ୍ଜଣି ଭଜନ କୀର୍ତ୍ତନ କରି ସଂଖ୍ୟାଧିକ ଭକ୍ତ ସାରାରାତି ବିତାଇବା ପରେ ଅମାଣିଆ ଉଠାଇଥାନ୍ତି। ଅମାଣିଆ ଉଠାଇବା ପରେ ଅମାଣିଆ ଭୋଗକୁ ଗ୍ରାମର ପ୍ରତି ଘରେ ଘରେ ବଣ୍ଟନ କରିଥାନ୍ତି। ପ୍ରାଚୀନ ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ବିବେଚନା କରାଯାଏ।

### ୧୭ରେ ବିଜେଡି ମହିଳା ସମାବେଶ

କୋଷ୍ଠା,୧୧।୩(ଡ଼ି.ଏନ୍.ଏ.)- ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୦୪ତମ ଜନ୍ମ ଜୟନ୍ତୀ ତଥା ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ଆସନ୍ତା ୧୭ ତାରିଖରେ ଶୂଳିଆପଦାଠାରେ ବିଜେଡି ପକ୍ଷରୁ ମୋରଡା ନିର୍ବାଚନ ମଣ୍ଡଳୀସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହେବ। ବିଧାୟକ ରାଜକିଶୋର ଦାଶଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ଏକ ପ୍ରସ୍ତୁତି ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିରେ ମହିଳା ଫେଡେରେଶନର ସଭାନେତ୍ରୀ ବିଷ୍ଣୁପ୍ରିୟା ଦାସ, ମୋରଡା ବ୍ଲକ ସଭାପତି ଜୟପ୍ରକାଶ ରାଉଳ, ବ୍ଲକ ଅଧକ୍ଷା ସାଲତି ମୁର୍ମୁ, ଉପାଧକ୍ଷ ସଚିଦାନନ୍ଦ ମହାନ୍ତ, କ୍ଷୀତିଶ ଚନ୍ଦ୍ର ମହାନ୍ତ, ପ୍ରତାପ ଚନ୍ଦ୍ର ମହାନ୍ତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ବିଦ୍ୟୁତପ୍ରଭା ବେହେରା, ରାସଗୋବିନ୍ଦପୁର ବ୍ଲକ ବିଜେଡି ସଭାପତି ବିଜୟ କୁମାର ପରିଡା, ଅମ୍ବୁଜ କୁମାର ମହାନ୍ତ, ଦିବ୍ୟଲୋଚନ ଦାଶ, ନୀଳକଣ୍ଠ ମହାନ୍ତ, ପାକଟିଆ ସରପଞ୍ଚ ବାସନ୍ତୀ ମୁଣ୍ଡା, ଫାନିଆ ସରପଞ୍ଚ ନଗେନ୍ଦ୍ର ନାଥ କିସ୍କୁ, ପୂର୍ବତନ ଉପାଧକ୍ଷ ସଞ୍ଜୟ ଶେଜପଡା ପ୍ରମୁଖଙ୍କ ସମେତ ଶୂଳିଆପଦା, ମୋରଡା, ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳର ବହୁ ଆଗଧାଡିର କର୍ମୀ ତଥା ମହିଳାମାନେ ଯୋଗ ଦେଇଥିଲେ। ଆଗାମୀ ଜୀବନବିନ୍ଦୁ କାର୍ଯ୍ୟକ୍ରମ ସମ୍ବନ୍ଧରେ ମଧ ବୈଠକରେ ଆଲୋଚନା କରା ଯାଇଥିଲା।

### ଚତୁରେଶ୍ୱର ଶକ୍ତିଙ୍କ ପୀଠରେ ବାର୍ଷିକ ଉତ୍ସବ

କୁଆମରା,୧୧।୩(ଡ଼ି.ଏନ୍.ଏ.)- ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ପଞ୍ଚାୟତର ଚତୁରୀ ଗ୍ରାମସ୍ଥିତ ଚତୁରେଶ୍ୱର ମହାଦେବଙ୍କ ପୀଠରେ ବାର୍ଷିକ ଉତ୍ସବ ଓ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି। ଗ୍ରାମବାସୀଙ୍କ ଦ୍ୱାରା କଳସ ଶୋଭାଯାତ୍ରା ପରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି ଗ୍ରାମ ପରିକ୍ରମା କରିଥିଲା। କମିଟିର ସଭାପତି ଦିଲୀପ କୁମାର ଦାସ, ସମ୍ପାଦକ ସନ୍ୟାସୀ ଦତ୍ତ, ଶକ୍ତିପଦ ଲେଙ୍କା, ସୁମନ୍ତ ଦାସ, ବିଜୟ କୁମାର ଦାସ, ଅନନ୍ତ ଭଦ୍ର, ଚନ୍ଦନ ଦାସ, ଅନନ୍ତ ଦତ୍ତ, ଶିବଶଙ୍କର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଡେଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ପଶୁଦା ପଞ୍ଚାୟତର ଅଛତାଠାରେ ମଧ ଅଷ୍ଟପ୍ରହରୀ ନାମ ଯଜ୍ଞ ସମ୍ପନ୍ନ ହୋଇଯାଇଛି।

# ବାଉଁଶ ଖୁଣ୍ଟରେ ବିଲ୍ ଟାଙ୍ଗି ଚାଲି ଯାଉଛନ୍ତି କର୍ମଚାରୀ

- ବକେୟା ନ ଦେବାରୁ ସଂଯୋଗ ବିଚ୍ଛିନ୍ନ
- ୧୫ ଦିନରୁ ଊର୍ଦ୍ଧ୍ୱ ହେଲାଣି ଅନ୍ଧାରରେ ଗ୍ରାମବାସୀ

ବାରିପଦା ଅଫିସ, ୧୧।୩

ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ମୟୂରଭଞ୍ଜ ଜିଲା ଶାମାଖୁଣ୍ଟା ବ୍ଲକ ଅନ୍ତର୍ଗତ ତାରଯୋଡି ଗ୍ରାମର ୮୧ ପରିବାର ଅନ୍ଧାରରେ ରାତି କାଟୁଛନ୍ତି। ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କ ଅବହେଳା ଯୋଗୁଁ ଏହିଳି ହଇରାଣ ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, କୌଣସି ମାସରେ ସେମାନଙ୍କୁ ବିଦ୍ୟୁତ୍ ବିଲ୍ ମିଳେ ନାହିଁ । ଫଳରେ ସେମାନେ ବିଲ୍ ପୈଠ କରିବାପାଇଁ ନାନା ପ୍ରକାର ହଇରାଣ ହରକତ ହୁଅନ୍ତି। ଗ୍ରାମଠାରୁ ବାରିପଦା ବିଦ୍ୟୁତ୍ କାର୍ଯ୍ୟାଳୟ ପ୍ରାୟ ୧୫ କି.ମି ପାଖାପାଖି ଦୂରତା ହେଉଥିବାରୁ ସେଠାକୁ ଯାଇ ବିଲ୍ ପୈଠ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉ ନାହିଁ। ବିଦ୍ୟୁତ ବିଲ୍ ବିତରଣ ଦାୟିତ୍ୱରେ ଥିବା କର୍ମଚାରୀ ଗ୍ରାମର କୌଣସି ଗ୍ରାହକଙ୍କ ଘରକୁ ନ ଯାଇ ଗ୍ରାମ ଛକରେ ଥିବା ଏକ ବାଉଁଶ ଖୁଣ୍ଟ କିମ୍ବା କୌଣସି ଦୋକାନରେ ବିଦ୍ୟୁତ୍ ବିଲଗୁଡିକୁ ଝୁଲାଇ ଦେଇ ଚାଲି ଯାଆନ୍ତି। ପୂର୍ବରୁ ଗ୍ରାମବାସୀ ଅଭିଯୋଗ କରିଥିଲେ ମଧ କାହାରି ଘରକୁ ଯାଇ ବିଲ୍ ଦେଇହେବ ନାହିଁ, ଯାହା କରିବାର ଇଛା କର ବୋଲି ବିଲ୍ ବିତରଣ ଦାୟିତ୍ୱରେ ଥିବା କର୍ମଚାରୀ କହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମବାସୀ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ କୌଣସି ସୁଫଳ ମିଳି ପାରି ନାହିଁ । ଅଭିଯୋଗ ପ୍ରତି ଦୃଷ୍ଟି ନ ଦେଇ ଓଲଟି ଉପଭୋକ୍ତାଙ୍କ ଉପରେ ଦୋଷ ଲଦି ବିଦ୍ୟୁତ୍ ସଂଯୋଗକୁ ବିଚ୍ଛିନ୍ନ କରି ଦିଆଯାଇଥିବା ସ୍ଥାନୀୟ ସମିତି ସଭ୍ୟ ଦୀପକ ସିଂ ଏବଂ ୱାର୍ଡମେମ୍ବର ଲକ୍ଷ୍ମଣ ସିଂ ଅଭିଯୋଗ କରିଛନ୍ତି। ମାଟ୍ରିକ ପରୀକ୍ଷା ପରେ ଯୁକ୍ତ୨ ପରୀକ୍ଷା ସାଙ୍ଗକୁ ବିଦ୍ୟାଳୟମାନଙ୍କରେ ପରୀକ୍ଷା ଚାଲୁଥିବା ସମୟରେ ବିଦ୍ୟୁତ୍ କାଟ ଯୋଗୁଁ ଛାତ୍ରୀଛାତ୍ରମାନଙ୍କ ପାଠ ପଢାରେ ମଧ ଅସୁବିଧା ହେଉଛି। ଏ ସମ୍ପର୍କରେ ନେସ୍କୋ ନିର୍ବାହୀ ଯନ୍ତ୍ରୀ ରଞ୍ଜନ ଦଣ୍ଡପାଟଙ୍କୁ ପଚାରିବାରୁ ଦିନେ ଦୁଇଦିନ ମଧରେ ଏହାର ସମାଧାନ କରାଯିବା ସହିତ ବିଦ୍ୟୁତ୍ ବିଲ ବିତରକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।


ବାଉଁଶ ଖୁଣ୍ଟରେ ବିଦ୍ୟୁତ୍ ବିଲ୍ ଟଙ୍ଗା ଯାଇଛି।

# ଢାବାରେ ଚଢ଼ାଉ, ମଦ ଜବତ


ଜବତ ହୋଇଥିବା ମଦ।

ରାଇରଙ୍ଗପୁର,୧୧।୩(ଡ଼ି.ଏନ୍.ଏ.)

ରାଇରଙ୍ଗପୁର ଏସଡିପିଓ ସ୍ନେହାଶିଷ ସାହୁଙ୍କ ନେତୃତ୍ୱରେ ବହଳଦା ଥାନା ପୋଲିସ ସୋମବାର ୨୨୦ ନଂ. ଜାତୀୟ ରାଜପଥର ବାସଙ୍ଗି ଗ୍ରାମ ନିକଟସ୍ଥ ଏକ ଢାବାରେ ଚଢାଉ କରି ବିପୁଳ ମଦ ଜବତ କରିଛି। ଚଢାଉ ବେଳେ ବିକ୍ରି ପାଇଁ ଗଚ୍ଛିତ ଥିବା ୯୬ ଲିଟର ମଦ ଜବତ ହୋଇଛି। ଜବତ ମଦର ମୂଲ୍ୟ ୫୫ ହଜାର ଟଙ୍କା ହେବ ବୋଲି ପୋଲିସ କହିଛି। ଏହି ଘଟଣାରେ ଢାବା ମାଲିକ ତପନ କୁମାର ସାହୁଙ୍କୁ ଗିରଫ ପରେ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ଥାନାରେ ଏକ ମାମଲା (ନଂ୨୮/୨୦୨୦) ରୁଜୁ ହୋଇଛି।

## ଚୋରା ମଦ ବିକ୍ରି, ଜଣେ ଗିରଫ

ବାରିପଦା ଅଫିସ, ୧୧।୩

ବାରିପଦା ଟାଉନରେ ଚୋରା ମଦ ବିକ୍ରି କରୁଥିବା ଅଭିଯୋଗରେ ଟାଉନ ପୋଲିସ ମଙ୍ଗଳବାର ଦୁଇଟି ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣ ମଦ ଜବତ କରିଛି। ଗୋଟିଏ ସ୍ଥାନରୁ ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଏକ ସ୍ଥାନରୁ ପୋଲିସ କେବଳ ମଦ ଜବତ କରିଥିଲା। ମଙ୍ଗଳବାର ସକାଳେ ତକତପୁର ଛକଠାରେ ମୃତ୍ୟୁଞ୍ଜୟ ମଲ୍ଲ ନିଜ ଘରେ ଚୋରାରେ ମଦ ବିକ୍ରି କରୁଥିବା ବେଳେ ପୋଲିସ ସେଠାରେ ଚଢ଼ାଉ କରି ୪୫୫ଟି ବିଦେଶୀ ମଦ ବୋତଲ ଜବତ କରିଥିଲା। ଜବତ ମଦର ପରିମାଣ ୧୬୮ ଲିଟର ହେବ। ସେହିଭଳି ଦାରୋଗାଡାହିଠାରେ ଥିବା ପ୍ରମୋଦ ଢାବାରେ ପୋଲିସ ଚଢ଼ାଉ କରି ସେଠାରୁ ୭୨ଟି ବିଦେଶୀ ମଦ ବୋତଲ ଜବତ କରିଥିଲା। ଯାହାକି ୧୫ ଲିଟର ହେବ। ପ୍ରମୋଦ ଢାବାରେ କେହି ନ ଥିବା ବେଳେ ପୋଲିସ କାହାକୁ ଗିରଫ କରି ପାରି ନ ଥିଲା। ଏ ନେଇ ଥାନାରେ ଦୁଇଟି ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତ ମୃତ୍ୟୁଞ୍ଜୟଙ୍କୁ ଗିରଫ କରାଯାଇଥିବା ଟାଉନ ଥାନା ଅଧିକାରୀ ବୀରେନ୍ଦ୍ର ସେନାପତି ପ୍ରକାଶ କରିଛନ୍ତି।

## ହୋଲି ଉତ୍ସବ

ବାଙ୍ଗିରିପୋଷି/ ରାଇରଙ୍ଗପୁର, ୧୧।୩ (ଡ଼ି.ଏନ୍.ଏ.)

ବାଙ୍ଗିରିପୋଷି ବଜାର ସମେତ ବ୍ଲକର ବିଭିନ୍ନ ଅଞ୍ଚଳରେ ହୋଲି ଉତ୍ସବ ପାଳିତ ହୋଇ ଯାଇଛି। ବାଙ୍ଗିରିପୋଷି ବଜାରସ୍ଥିତ ଦୋଳ ଗୋବିନ୍ଦ ମନ୍ଦିର, ନୟାବସାଣସ୍ଥିତ କୃଷ୍ଣରାୟ ଏବଂ ବୁଆପାଣିର ବ୍ରଜକିଶୋରାୟ ମନ୍ଦିରଠାରେ ଦୁଇ ଦିନ ବ୍ୟାପି ଷୋହଳ ପହର ନାମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ପୂର୍ଣ୍ଣମୀ ସନ୍ଧ୍ୟାରେ ଦୋଳ ଗୋବିନ୍ଦ ମନ୍ଦିରରୁ ଠାକୁରଙ୍କୁ ବାହାରକୁ ଆଣାଯାଇ ପ୍ରଥମେ ହୋଲି ରଙ୍ଗ ଲଗା ପର୍ବ ଅନୁଷ୍ଠିତ ହୋଇଥିଲା । ପରେ ସମସ୍ତେ ଏକତ୍ରିତ ହୋଇ ପରସ୍ପର ମଧରେ ରଙ୍ଗ ବୋଳି ହୋଲି ଖେଳର ମଜା ଉଠାଇ ଥିଲେ । ସ୍ଥାନୀୟ ଅଞ୍ଚଳର ୧୯ଟି ପଞ୍ଚାୟତର ବହୁ ଭକ୍ତ ଠାକୁରଙ୍କୁ ହୋଲି ରଙ୍ଗ ଲଗାଇଲା ପରେ ଅବିର ଓ ପାଣିରେ ଗୋଳା ଯାଉଥିବା ବିଭିନ୍ନ କିସମର ରଙ୍ଗ ନେଇ ଆନନ୍ଦ ଉଲ୍ଲାସ ମଧରେ ହୋଲି ଖେଳିଥିଲେ।

ରାଇରଙ୍ଗପୁର ସହରାଞ୍ଚଳ ସମେତ ଗ୍ରାମାଞ୍ଚଳରେ ମଙ୍ଗଳବାର ହୋଲି ଉତ୍ସବ ପାଳିତ ହୋଇଯାଇଛି। ଅଞ୍ଚଳବାସୀ ପରସ୍ପର ମଧରେ ରଙ୍ଗ ଓ ଅବିର ଲଗାଇବା ସହ ମିଷ୍ଟାନ ବଣ୍ଟନ କରିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ସଫେଇ କର୍ମଚାରୀଙ୍କ ବିକ୍ଷୋଭ

ବାରିପଦା ଅଫିସ, ୧୧।୩

ବାରିପଦା ପୌର ପରିଷଦ କାର୍ଯ୍ୟାଳୟ ଆଗରେ ବୁଧବାର ସଫେଇ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜାନୁୟାରୀ, ଫେବୃୟାରୀ ମାସର ଦରମା ନ ମିଳିବା, ସରକାରୀଙ୍କ ଧାର୍ଯ୍ୟ ମଜୁରୀଠାରୁ କମ୍ ଦରମା ମିଳିବା, ଠିକା ସଂସ୍ଥା ଇପିଏଫ ବାବଦରେ ଟଙ୍କା କାଟୁଥିବା ବେଳେ ତାର ରସିଦ୍ କର୍ମଚାରୀମାନଙ୍କୁ ନ ମିଳିବା, ଠିକା ସଂସ୍ଥା ବିଭିନ୍ନ ସଫେଇ ପାଇଁ ବିଭିନ୍ନ ଉପକରଣ (କିଟସ୍) ପ୍ରଦାନ ନ କରିବା ଆଦି କାରଣକୁ ନେଇ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସକାଳ ୭ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ବିକ୍ଷୋଭ ଚାଲିଥିବା ବେଳେ କେହି ତାଙ୍କ କଥା ଶୁଣି ନ ଥିଲେ। ଫଳରେ କର୍ମଚାରୀମାନେ ଶ୍ରମ ଅଧିକାରୀଙ୍କୁ ଭେଟିବାକୁ ଯାଇଥିଲେ। ଏ ନେଇ ପୌର ପରିଷଦର ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ସେ କୌଣସି ମତାମତ ଦେଇ ନ ଥିଲେ।

# ବିଦ୍ୟୁତ୍ ବିଭାଗର ଅବହେଳାକୁ ନେଇ ରାସ୍ତାରୋକୋ

ବଡ଼ସାହି,୧୧।୩ (ସ୍ୱ.ପ୍ର)

ବଡ଼ସାହି ବ୍ଲକ ଅଧୀନ ପ୍ରତାପପୁର ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଏକ ବଳଦର ମୃତ୍ୟୁ ଘଟିଛି। ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି କ୍ଷତିପୂରଣ ଦାବିରେ ଗ୍ରାମବାସୀମାନେ ବାରିପଦା–ମାଣତ୍ରୀ ରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଖବରପାଇ ବଡ଼ସାହି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ସୂଚନା ଅନୁଯାୟୀ, ପ୍ରତାପପୁର ଗ୍ରାମ ମାଉସୀବାଡ଼ି ରାସ୍ତାର ମା’ ମଙ୍ଗଳା ଆସ୍ଥାନ ନିକଟରେ ୧୧ କେଭି ବିଦ୍ୟୁତ ଖୁଣ୍ଟର ଷ୍ଟେ ତାରଟି ଏକ ଗଛରେ ବନ୍ଧା ଯାଇଥିଲା । ବୁଧବାର ଅପରାହ୍ନରେ ଘଡଘଡି ସହ ବର୍ଷା ହେବା ସମୟରେ ଗଛରେ ବିଦ୍ୟୁତ ଚାର୍ଜ ହୋଇଯାଇଥିଲା। ବଳଦଟି ସେହି ରାସ୍ତା ଦେଇ ଯାଉଥିବା ସମୟରେ ଗଛରେ ଲାଗି ଯିବାରୁ ବିଦ୍ୟୁତ୍ ସଂସ୍ପର୍ଶରେ ଘଟଣାସ୍ଥଳରେ ତାର ମୃତ୍ୟୁ ଘଟିଥିଲା । ବଳଦର ମାଲିକ ଲକ୍ଷ୍ମଣ ସର୍ଦ୍ଦାର ଏନେଇ ଗ୍ରାମବାସୀଙ୍କୁ ଜଣାଇବା ସହ ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ବିଭାଗୀୟ ଅଧିକାରୀଙ୍କ ଅବହେଳା ପାଇଁ ବଳଦର ମୃତ୍ୟୁ ଘଟିଥିବାରୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଫଳରେ ଉକ୍ତ ରାସ୍ତା ଦେଇ ଚଳପ୍ରଚଳ କରୁଥିବା ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିଲା।


ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

# ସିଏଏ, ଏନ୍ଆରସିକୁ ବିରୋଧ

ଉଦଳା,୧୧।୩(ଡ଼ି.ଏନ୍.ଏ.)

ସିଏଏ, ଏନଆରସି, ଏନପିଆରକୁ ବିରୋଧ ଉଦଳାଠାରେ ବିରୋଧ କରାଯାଇଛି। ବୁଧବାର ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ପ୍ରତିବାଦ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ଶତାଧିକ ଆଦିବାସୀ ମହିଳା ପୁରୁଷଙ୍କ ସମେତ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ସାମିଲ ହୋଇଥିଲେ । ଏହି ଶୋଭାଯାତ୍ରାରେ ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଦସ୍ୟମାନେ ସ୍ଥାନୀୟ କଚେରୀ ପରିସରରେ ପହଞ୍ଚି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ସିଏଏ ଏବଂ ଏନଆରସିକୁ ବିରୋଧ କରିବା ସହିତ ଓବିସି ମାନଙ୍କର ଜାତି ଆଧାରିତ ଜନଗଣନା ନ କରାଯିବାକୁ ବିରୋଧ କରିବା, ସରକାରୀ କମ୍ପାନୀଗୁଡିକର ଘରୋଇ କରଣ ବନ୍ଦ କରାଯିବା, ବିଭିନ୍ନ ସମୟରେ ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଏବଂ ନିର୍ଯାତନାକୁ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବିରୋଧ କରାଯାଇଥିଲା। ଏହି ଦାବି ସମୂହ ପୂରଣ ନ ହେଲେ ଆଗାମୀ ଦିନରେ କ୍ରାନ୍ତି ମୋର୍ଚ୍ଚା ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଚେତାବନୀ ଦେଇଛି । ଏହି ଶୋଭାଯାତ୍ରାରେ ଠୁମ୍ପୁ ମୁର୍ମୁ, କେଶବ ସୋରେନ୍, ଏସକେ ଆକବର, ମହମ୍ମଦ ଇକବାଲ୍ ହୁସେନ୍‌ଙ୍କ ସମେତ ସଂଖ୍ୟାଲଘୁ ଏବଂ ଆଦିବାସୀ ବର୍ଗର ବହୁ ଲୋକ ସାମିଲ ହୋଇଥିଲେ ।



ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା ।

# ଚର୍ଚ୍ଚାରେ ୩ କରୋନା ସନ୍ଦିଗ୍ଧ

ବାଙ୍ଗିରିପୋଷି,୧୧।୩(ଡ଼ି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ ଅଞ୍ଚଳରେ ୩ କରୋନା ସନ୍ଦିଗ୍ଧ ଥିବା ଖବର ପ୍ରଚାରିତ ହୋଇଛି। ଫଳରେ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କିଛି ସ୍ପଷ୍ଟ ସୂଚନା ମିଳି ପାରି ନାହିଁ। ତେବେ ହାଣଦା ଅଞ୍ଚଳର ଜଣେ ସନ୍ଦିଗ୍ଧଙ୍କୁ ଖୋଜା ଚାଲିଥିବା ଜଣାପଡିଛି।

# ପିଣ୍ଡାବଣିଆ ଦୋଳ ମେଳଣରେ ଲକ୍ଷାଧିକ ଶ୍ରଦ୍ଧାଳୁ

**ଦୁଇଶହ ବର୍ଷର ପରମ୍ପରା**

ବୈଶିଙ୍ଗା,୧୧।୩(ଡି.ଏନ.ଏ.)

ବାଲେଶ୍ୱର ଓ ମୟୂରଭଞ୍ଜ ଜିଲାର ସୀମାନ୍ତ ଅଞ୍ଚଳର ଏକ ବିରାଟ ପଡ଼ିଆରେ ଗତ ଦୁଇ ଶହ ବର୍ଷ ଧରି ଆୟୋଜିତ ହୋଇଆସୁଛି ପିଣ୍ଡାବଣିଆ ମେଳା। ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ରାଧାକୃଷ୍ଣଙ୍କ ବିଗ୍ରହମାନଙ୍କୁ ନାମ ସଂକୀର୍ତ୍ତନ ଦ୍ୱାରା ପରିକ୍ରମା କରାଇ ମେଳା ପଡ଼ିଆରେ ଥିବା ଏକ ସୁଦୃଶ୍ୟ ମନ୍ଦିରରେ ସ୍ଥାପନ କଲାପରେ ପୂଜାର୍ଚ୍ଚନା କରାଯାଏ। ନିକଟବର୍ତ୍ତୀ ଗ୍ରାମରୁ ମଧ ୮ରୁ ୧୯ଟି ବିମାନରେ ରାଧାକୃଷ୍ଣଙ୍କର ବିଗ୍ରହ ପଟୁଆରରେ ଆସି ଏଠାରେ ମେଳଣ ହୋଇଥାଏ। ମନୋରଞ୍ଜନ ନିମନ୍ତେ ମୀନାବଜାର, ଦୋଳି, ଚକ୍ରି, ଯାଦୁଖେଳ ସହିତ ସ୍ଥାନୀୟ ପୁରୁଣିଆ ପଞ୍ଚାୟତର ପୁରୁଣିଆ ଗ୍ରାମ ଓ ନୂଆଗାଁ ଗ୍ରାମ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଆୟୋଜନ ହୋଇଛି। ଏହି ମେଳା ପଡ଼ିଆର ଏକ ତୃତୀୟାଂଶ ଭାଗ ବାଲେଶ୍ୱର ଜିଲାର ରୂପସା ଥାନା ଅନ୍ତର୍ଗତ ହସନପୁର ପଞ୍ଚାୟତ ଅଧିନରେ ଆସୁଥିବା ବେଳେ ଅବଶିଷ୍ଟ ଅଂଶ ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତ ଅଧୀନରେ ରହିଛି। ଉଭୟ ପଞ୍ଚାୟତ ପକ୍ଷରୁ ନିଜ ନିଜ ଅଂଶକୁ ନିଲାମ କରାଯାଇଥାଏ। ତେବେ ଲକ୍ଷାଧିକ ଜନସମାଗମ ହେଉଥିବା ସ୍ଥଳେ ଶୌଚାଳୟ କିମ୍ବା ପାନୀୟଜଳ ବନ୍ଦୋବସ୍ତ କରାଯାଇ ନାହିଁ। ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯାଉଥିଲେ ମଧ ତାହା ଆବଶ୍ୟକତା ପୂରଣ କରିବାରେ ବିଫଳ ହୋଇଛି। ବୈଶିଙ୍ଗା ଥାନା ପକ୍ଷରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ସକ୍ଷମ ପକ୍ଷରୁ ଦିବ୍ୟାଙ୍ଗ ଅଧିବେଶନ


ଅଧିବେଶନରେ ଯୋଗ ଦେଇଥିବା ଅତିଥିମାନେ ।

ବାରିପଦା ଅଫିସ, ୧୧।୩

ଦିବ୍ୟାଙ୍ଗମାନଙ୍କ ବିକାଶ ଓ ହିତସାଧନ ସକାଶେ ଅଖିଳ ଭାରତୀୟ ସଂଗଠନ ସକ୍ଷମ ପକ୍ଷରୁ ସୋମବାର ଦିବ୍ୟାଙ୍ଗ ଅଧିବେଶନ ସ୍ଥାନୀୟ ମଞ୍ଚାବନ୍ଧାସ୍ଥିତ ରାଖାଲ ଚନ୍ଦ୍ର ଶିଳ୍ପ ତାଲିମ ଅନୁଷ୍ଠାନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସୈନିକ ସଂଘ ମୟୂରଭଞ୍ଜ ଜିଲାର ଶାଖା ସାଧାରଣ ସମ୍ପାଦକ ଅଶୋକ କୁମାର ଦଳବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ ସଭାପତିତ୍ୱ କରିଥିଲେ। ଏମ୍‌ପି ବିଶେଶ୍ୱର ଟୁଡୁ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସକ୍ଷମର ରାଜ୍ୟ ସମ୍ପାଦକ ସରୋଜ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସକ୍ଷମର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ କମଳାକାନ୍ତ ପାଣ୍ଡେ, ଓଡ଼ିଶା ରାଜ୍ୟ ଶାଖା ସଭାପତି ଡ. ସୁବ୍ରତ କୁମାର ଦାଶ ସମ୍ମାନନୀୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧରେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କବି ବିଷ୍ଣୁ ଶତପଥୀ, ଗତିକୃଷ୍ଣ ତିୱାରୀ, ବଙ୍କେଶ ସେଠୀ, ଦୀପକ ବେହେରା, ନବୀନ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗମାନଙ୍କ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ବାରିପଦାଠାରେ ଏକ ଦିବ୍ୟାଙ୍ଗ ପାର୍କ ପ୍ରତିଷ୍ଠା ହେବା ପାଇଁ ପ୍ରସ୍ତାବ ଦିଆଯାଇଥିଲା। ଶେଷରେ ବୀର କିଶୋର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ବାରିପଦା ତହସିଲ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ

ବାରିପଦା ଅଫିସ, ୧୧।୩

ବହୁଜନ କ୍ରାନ୍ତି ମୋର୍ଚ୍ଚା ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ବୁଧବାର ବାରିପଦା ତହସିଲଦାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ମୋର୍ଚ୍ଚାର ସଦସ୍ୟମାନେ ଏନପିଆର ବୟକଟ ଆନ୍ଦୋଳନ, ସିଏଏ, ଏନଆରସି, ଇଭିଏମ୍ ବିରୋଧରେ ନାରାବାଜି କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଭାରତରେ ଏନଆରସି, ଏନପିଆର ଏବଂ ସିଏଏ ବିରୋଧରେ ଜନସାଧାରଣଙ୍କ ମଧରେ ଆକ୍ରୋଶ ରହିଛି। ଏହି ସବୁ ଗୁଡ଼ିକ ଭାରତୀୟ ସମ୍ବିଧାନର ମୌଳିକ ଅଧିକାର ଅନୁଚ୍ଛେଦ ୧୪, ୧୫, ୧୯(୧) ବିରୋଧରେ ଯାଉଛି, ଯାହା ଦ୍ୱାରା ଦେଶକୁ ଧାର୍ମିକ ଆଧାରରେ ଭାଗ କରାଯାଉଛି। ଯାହା କି ଦେଶର ଧର୍ମନିରପେକ୍ଷତାକୁ ନଷ୍ଟ କରୁଛି। ଏହାକୁ ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଦସ୍ୟମାନେ ଘୋର ବିରୋଧ କରିଥିଲେ। ବହୁଜନ କ୍ରାନ୍ତି ମୋର୍ଚ୍ଚାର ସଂଯୋଜକ ଭରତ ଚନ୍ଦ୍ର ମାର୍ଣ୍ଡିଙ୍କ ନେତୃତ୍ୱରେ ହୋଇଥିବା ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦର ଜିଲା ସଂଯୋଜକ ପୂର୍ଣ୍ଣଚନ୍ଦ୍ର ଜଗନ୍ନାଥ ସିଂ, ଶ୍ୟାମସୁନ୍ଦର ମୁର୍ମୁ, କରମଜିତ୍ ସିଂ, ସୁନାରାମ ସିଂ, ମଙ୍ଗଳ ସିଂ, ରାଜେନ୍ଦ୍ର ସିଂ, ସତ୍ୟ ସିଂ, ମଧୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମହିଳାଙ୍କୁ ହତ୍ୟା ଉଦ୍ୟମ ଘଟଣା: ୩କୋର୍ଟ ଚାଲାଣ

**ଖଇରା୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଅର୍ଜୁନପୁର ଗ୍ରାମରେ ଚିନ୍ମୟୀ ଜେନା ନାମକ ଜଣେ ମହିଳାଙ୍କୁ ହତ୍ୟା ଉଦ୍ୟମ କରାଯିବା ଅଭିଯୋଗରେ ଖଇରା ପୋଲିସ ଗତ ୯ତାରିଖରେ ଦେଢ଼ଶୁର ପ୍ରଦୀପ ଜେନା,ଦିଅର ପ୍ରଶାନ୍ତ ଜେନା,ନଣନ୍ଦ ପ୍ରତିରେଖା ଜେନାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚିନ୍ମୟୀଙ୍କ ଅଭିଯୋଗ ଅନୁଯାୟୀ ତାଙ୍କ ସ୍ୱାମୀ ପ୍ରତାପ ବାହାରେ ରହୁଥିବା ବେଳେ ଗୁଣିଗାରେଡି ସନ୍ଦେହକୁ ନେଇ ଶ୍ୱଶୁର ଘର ଲୋକେ ତାଙ୍କୁ ମାଡ଼ ମାରିବା ସହ ୮ତାରିଖ ସନ୍ଧ୍ୟାରେ ଘୋଷାରି ଘୋଷାରି ବଳି ଦେବାକୁ ନିକଟସ୍ଥ ଦୁର୍ଗାମଣ୍ଡପକୁ ନେଉଥିଲେ। ଗ୍ରାମର ଲୋକେ ଥାନାକୁ ଖବର ଦେବାରୁ ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲା। ଖଇରା ଏଏସଆଇ ବାସୁଦେବ ମହାନ୍ତି ଏ ନେଇ ଏକ ମାମଲା(ନଂ.୫୫/୨୦)ରୁଜୁ କରି ପ୍ରାଥମିକ ତଦନ୍ତ ପରେ ୩ଜଣଙ୍କୁ ଗିରଫ କରିଛନ୍ତି। ତେବେ ବଳି ଉଦ୍ୟମ ଘଟଣାକୁ ପୋଲିସ ଅସ୍ୱୀକାର କରି ଗୁଣିଗାରେଡି ଘଟଣାକୁ ନେଇ ଉକ୍ତ ମହିଳାଙ୍କୁ ମାଡ ମରାଯାଇଥିବା କହିଛି।

### ବାଇକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

**ଖଇରା, ୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ମାର୍କୋଣା-ଗଣ୍ଡିବେଢ଼ ରାସ୍ତାର କଳିହା ଛକ ନିକଟରେ ବାଇକ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସକାଳେ ନନ୍ଦୋର ଗ୍ରାମର ୬୫ ବର୍ଷୀୟ ବୃଦ୍ଧ ଗାନ୍ଦସା ସିଂ କୁରୁଣ୍ଟା ଦୋଳ ମେଳଣ ଦେଖି ଚାଲି ଚାଲି ନିଜ ଘରକୁ ଫେରୁଥିବାବେଳେ କଳିହା ଛକ ନିକଟରେ ଗଣ୍ଡିବେଢ଼ରୁ ମାର୍କୋଣା ଅଭିମୁଖେ ଆସୁଥିବା ବାଇକ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ସିମୁଳିଆ ମେଡିକାଲକୁ ନେଇଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଖଇରା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଛାତ୍ରୀଙ୍କ ଆତ୍ମହତ୍ୟା

**ରୂପସା, ୧୧।୩(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ସାର୍ଥା ଫାଣ୍ଡି ଅନ୍ତର୍ଗତ ସାଉଡି ଗ୍ରାମର ଜଣେ ଛାତ୍ରୀ ଆତ୍ମହତ୍ୟା କରିଛନ୍ତି। ସେ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ଗତ ୮ ତାରିଖ ସନ୍ଧ୍ୟାରେ ଘରେ କେହି ନ ଥିବା ବେଳେ ସେ ରଶି ଲଗାଇ ଦେଇଥିଲେ। ଖବରପାଇ ଫାଣ୍ଡି ଅଧିକାରୀ ଡି.ଏନ. ସିଂ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫/୨୦) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ କରାଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡି ନାହିଁ।

### ପାଇପ୍ ଲାଇନ କାଟି ତେଲ ଚୋରି

**ରୂପସା, ୧୧।୩(ଡି.ଏନ.ଏ.):** ବାଲେଶ୍ୱର ସଦର ଥାନା ଅନ୍ତର୍ଗତ ମଧୁସୂଦନ ଗ୍ରାମ ନିକଟ ଦେଇ ଯାଇଥିବା ହଳଦିଆ-ପାରାଦୀପ ପାଇପ ଲାଇନ କାଟି ଦୁର୍ବୃତ୍ତମାନେ ନିୟମିତ ତେଲ ଚୋରି କରୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୬୫/୨୦) ରୁଜୁକରି ପୋଲିସ ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତମାନେ ପାଇପଲାଇନ ପାଖ ମାଟିଖୋଳି ପାଇପ୍‌କୁ ଡ୍ରିଲମେଶିନ ଯୋଗେ କଣା କରି ତେଲ ଚୋରି କରୁଥିବା ଇଣ୍ଡିଆନ ଅଏଲର ମ୍ୟାନେଜର ସତୀଶ ସର୍ଭୁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ଅଟୋକୁ ଧକ୍କା ଦେଲା ଟ୍ରକ, ଜଣେ ମୃତ

**ସୋର, ୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ୧୬ ନଂ. ଜାତୀୟ ରାଜପଥ କଲେଜ ଛକ ନିକଟରେ ସୋମବାର ସକାଳେ ଏକ ଟ୍ରକ ଓ ମାଲ ବୋଝେଇ ଅଟୋ ମଧରେ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅଟୋରେ ଥିବା ଗୋପୀନାଥପୁର ଗ୍ରାମର ଏକ ଦମ୍ପତି ଗୋବିନ୍ଦ ବିନ୍ଧାଣୀ, ତାଙ୍କ ପତ୍ନୀ ଭାମାମଣି, ନାତି ଦେବାଶିଷ ଓଝା ଓ ଡ୍ରାଇଭର ରମେଶ ନାୟକ ଆହତ ହୋଇଥିଲେ। ସେମାନଙ୍କୁ ସୋର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଅଟୋ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କ ବାଲେଶ୍ୱର ଓ ପରେ କଟକ ସ୍ଥାନାନ୍ତର କରାଯାଇଛି।

# ପଥର ଶିଳ୍ପକଳାର ନିଖୁଣ କାରିଗର

**ନିଆରା ପ୍ରତିଭା**


ଶିଳ୍ପୀ ଭରତ

**ବାହାନଗା,୧୧।୩ (ଡି.ଏନ.ଏ.):** କୌଳିକ ବୃତ୍ତିକୁ ଆଦରି କାଠକାମ କରୁ କରୁ ସେ ପାଲଟିଗଲେ ଜଣେ ପଥର ଶିଳ୍ପୀ। ପାରମ୍ପରିକ କଳା ସହିତ ନିଜ ସୃଜନଶୀଳତାକୁ ମିଶାଇ ସେ ଆଜି ନଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି। ବାଲେଶ୍ୱର ଜିଲା ପୋଲିସ୍ ଲାଇନ୍ ଠାରେ ୧୦ ଫୁଟ ଉଚ୍ଚର ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ମୂର୍ତ୍ତି ନିର୍ମାଣ କରି ସେ ଚର୍ଚ୍ଚାକୁ ଆସିଥିଲେ। କେବଳ ସେତିକି ନୁହେଁ ତାଙ୍କ ନିହାଣମୂନରେ ତିଆରି ପଥର ଶିଳ୍ପକଳା ରାଜ୍ୟ ବାହାରେ ବମ୍ବେ ଆଦି ସ୍ଥାନରେ ଆଦୃତି ଲାଭ କରିଛି। ଏହି ଶିଳ୍ପକଳାକୁ ଜୀବନ୍ତ ରୂପ ଦେଇ ସେ ବହୁ ପୁରସ୍କାର ଓ ସମ୍ମାନ ସାଉଣ୍ଟିବା ସହ ଯୁବପିଢିକୁ ପ୍ରଶିକ୍ଷିତ କରି କଳାକୁ ବଞ୍ଚାଇ ରଖିବା ସକାଶେ ଉଦ୍ୟମ ଜାରି ରଖିଛନ୍ତି।

ଏହି ନିଖୁଣ ପ୍ରତିଭା ସମ୍ପନ୍ନ କଥର ଶିଳ୍ପୀ ହେଲେ ବାଲେଶ୍ୱର ଜିଲା ବାହାନଗା ବ୍ଲକର ଗଞ୍ଜିଣା ଗ୍ରାମର ଭରତ ମହାରଣା । ପିଲାଦିନେ ସଂଘର୍ଷମୟ ଜୀବନ ତାଙ୍କୁ ନୂଆ କିଛି କରିବା ଲାଗି ପ୍ରେରଣା ଦେଇଥିଲା। ତାଙ୍କର ନିଜର ବୋଲି କିଛି ଜମିବାଡି ନଥିଲା । ତାଙ୍କ ବାପା ଡୁମା ମହାରଣା ଭିକ୍ଷାବୃତ୍ତିକୁ ଆଦରି ନେଇଥିଲେ। ମା' ଗୋରା ଦେବୀ ଲୋକଙ୍କ ଘରେ କାମ କରି ପିଲାମାନଙ୍କୁ ପୋଷୁଥିଲେ । ପାରିବାରିକ ଅଭାବରୁ ଭରତଙ୍କର ତୃତୀୟ ଶ୍ରେଣୀରୁ ପାଠ ପଢାରେ ଡୋରି ବନ୍ଧା ହେଲା। ସେ ୭ ବର୍ଷର ହୋଇଥିବା ବେଳେ ବାପାଙ୍କ ମୃତ୍ୟୁ ଘଟିଲା । ୩ ବର୍ଷ ପରେ କିଛି ରୋଜଗାର ଆଶାରେ ସେ କଲିକତା ପଳାଇଯାଇଥିଲେ । ସେଠାରେ କାମ କରି୨୧ ବର୍ଷର ହେବାପରେ ଘରକୁ ଫେରି କୌଳିକ ବୃତ୍ତି କାଠକାମ ଆରମ୍ଭ କରିଥିଲେ । ଅନନ୍ତପୁର ସ୍ଥିତ ଗୋଡବଳଭଦ୍ର ଜୀଉ ମନ୍ଦିରର କବାଟରେ ତିଆରି ହୋଇଥିବା ବିଭିନ୍ନ ମୂର୍ତ୍ତି ଓ କାରୁକାର୍ଯ୍ୟ ବାବଦରେ ଲୋକାଙ୍କ ଠାରୁ ଶୁଣି ସେ ବିନା ପ୍ରଶିକ୍ଷଣରେ କାଠରେ ଏଭଳି କାରୁକାର୍ଯ୍ୟ ଆରମ୍ଭ କରିଥିଲେ। ପରେ ବଡବଡ କାରିଗରଙ୍କୁ ସେ ପଛରେ ପକାଇ ସୁନାମ ଅର୍ଜନ କରିଥିଲେ।

ମନରେ ନୂଆ ସାହସ ସଞ୍ଚୟ କରି ନୀଳଗିରି ବଉଳଗଡିଆ ଅଞ୍ଚଳରୁ ଖଡିପଥର କିଣି ସେଥିରେ ନିହାଣ ହାତୁଡିରେ ଛୋଟଛୋଟ ମୂର୍ତ୍ତି ନିର୍ମାଣ ଆରମ୍ଭ କରିଥିଲେ। ଏଥିରେ ସୁନ୍ଦର ମୂର୍ତ୍ତି ତିଆରି କରି ସବୁଠି ଚର୍ଚ୍ଚାକୁ ଆସିଥିଲେ। ଏପରି କି ତାଙ୍କ ତିଆରି ମୂର୍ତ୍ତି ସେତେବେଳେ ଉତ୍କଳିକାରେ ବିକ୍ରି ହୋଇଥିଲା। ସ୍ଥାନୀୟ ଅଞ୍ଚଳ ସମେତ ବିଭିନ୍ନ ସ୍ଥାନକୁ ନେଇ ସେ ମୂର୍ତ୍ତି ବିକ୍ରି କରି ଚଳୁଥିଲେ। କ୍ରମେ କିଛି ଟଙ୍କା ରୋଜଗାର କରି ଏଠାକାର ଜାତୀୟ ରଜପଥ କଡରେ ୨୦୦୨ରେ ଖଣ୍ଡେ ଜମିକିଣି ଘର କଲେ । ସେଠାରେ ତାଙ୍କ ମୂର୍ତ୍ତି ତିଆରି କରିବା ଦେଖି ତତ୍କାଳୀନ ଜିଲାପାଳ ଡିଆରଡିଏଙ୍କ ଜରିଆରେ ତାଙ୍କ ଘର ପାଖରେ ଏକ ମୂର୍ତ୍ତି ତିଆରି ପ୍ରଶିକ୍ଷଣ ଶିବିର ପ୍ରତିଷ୍ଠା କରିଥିଲେ । ଭରତ ସେଠାରେ ସବୁ ପିଲାଙ୍କୁ ପ୍ରଶିକ୍ଷଣ ଦେଉଥିଲେ । ଏହାପରେ ସେ ବଡବଡ ମୂର୍ତ୍ତି ନିର୍ମାଣ କରି ବିଭିନ୍ନ ସ୍ଥାନରେ ବିକ୍ରି କରି ରୋଜଗାର କରିଥିଲେ । ଏ ପରିକି ସେ ମାସକୁ ୨୦ ରୁ ୨୫ ହଜାର ଟଙ୍କା ଭଲ ରୋଜଗାର କରିଥିଲେ। କେବଳ ଖଡିପଥରନୁହେଁ ମୁଗୁନିପଥର, ମାଁବଲ ପଥରରେ ସେ ମୂର୍ତ୍ତି ନିର୍ମାଣ କରିଆସୁଛନ୍ତି। ଏବେ ମେସିନ ଓ ଗ୍ରାଇଣ୍ଡର ଦ୍ୱାରା ପଥର ମୂର୍ତ୍ତି ତିଆରି କରିବା ସହଜ ହେଉଛି। ଏହି କଳାକୃତିକୁ ଆଧାର କରି ପରିବାର ଚଳାଇବା ସହ ଦୁଇ ପୁଅଙ୍କୁ ପାଠ ପଢାଇ ମଣିଷ କରିପାରିଛନ୍ତି। ୧୯୯୫ ମସିହାରେ ଭରତ ରାଜ୍ୟ ଶିଳ୍ପ ବିଭାଗରୁ ମାନପତ୍ର ପାଇବା ସହିତ ୧୯୯୭ ରେ ତତ୍କାଳୀନ ବାଲେଶ୍ୱର ଜିଲାପାଳ ତାଙ୍କୁ ସମ୍ମାନିତ କରି ମାନପତ୍ର ପ୍ରଦାନ କରିଥିଲେ । ୧୯୯୧ରେ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ଶିଳ୍ପ ବିଭାଗ ପକ୍ଷରୁ ମାନପତ୍ର ପାଇବା ସହ ୧୯୯୨ରେ ଜିଲା ସ୍ତରୀୟ ପ୍ରଦର୍ଶନୀରେ ସମ୍ମାନିତ ହୋଇଥିଲେ । ଭରତ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାର ପଥର ଶିଳ୍ପକୁ ବଞ୍ଚାଇ ରଖିବା ଲାଗି ପ୍ରୋତ୍ସାହନ ବ୍ୟବସ୍ଥା କରିବା ଦରକାର। କାରିଗରମାନଙ୍କୁ ଏବେ ପଥର ମିଳୁ ନ ଥିବାରୁ ଯୁବ ପିଢି ଏହି ଶିଳ୍ପ ଉପରୁ ମୁହଁ ଫେରାଇ ନେଉଛନ୍ତି। ଓଡିଶାରେ ପଥର ଥିଲେ ମଧ୍ୟ ଶିଳ୍ପୀମାନେ ବାହାର ରାଜ୍ୟକୁ ଯାଇ ଅଧିକ ଦର ଦେଇ କିଣୁଛନ୍ତି। ସରକାର ଖଣି ବେପାରୀଙ୍କୁ ପଥର ବିକ୍ରି କରିଦେଉଥିବାରୁ ଏଠି ପଥର ଉପରେ ନିର୍ଭର କରୁଥିବା କାରିଗରମାନେ ବୃତ୍ତି ହରାଇବାକୁ ବସିଲେଣି।

> ପଥର ଶିଳ୍ପକୁ ବଞ୍ଚାଇ ରଖିବା ଲାଗି ପ୍ରୋତ୍ସାହନ ଜରୁରୀ । କାରିଗରମାନଙ୍କୁ ପଥର ମିଳୁ ନ ଥିବାରୁ ଯୁବ ପିଢି ଏହି ଶିଳ୍ପ ଉପରୁ ମୁହଁ ଫେରାଇ ନେଉଛନ୍ତି । ଓଡିଶାରେ ପଥର ଥିଲେ ମଧ ଶିଳ୍ପୀମାନେ ବାହାର ରାଜ୍ୟକୁ ଯାଇ ଏହାକୁ ଅଧିକ ଦର ଦେଇ କିଣୁଛନ୍ତି ।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାପଝିଅଙ୍କୁ ଆକ୍ରମଣ, ୩ ଗିରଫ

**ଖଇରା, ୧୧।୩ (ଡି.ଏନ.ଏ.):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ରୁଢିଙ୍ଗିଆ ଗ୍ରାମର କୈଳାସ ବରାଳ ଓ ତାଙ୍କ ଝିଅଙ୍କୁ ଆକ୍ରମଣ କରାଯାଇଛି। ଗ୍ରାମର କେତେକ ବ୍ୟକ୍ତି ସଂଗଠିତ ହୋଇ ସେମାନଙ୍କୁ ଆକ୍ରମଣ କରିଥିବା ଖଇରା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା(ନଂ. ୫୪/୨୦) ରୁଜୁକରି ମିନତି ନାୟକ, ସହଯୋଗୀ ସବିତା ନାୟକ ଓ ଅନ୍ୟ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରି ଅଧିକ ତଦନ୍ତ ଚଳାଇଛି। କୈଳାସଙ୍କ ପତ୍ନୀ ବାସନ୍ତୀଙ୍କ ଅଭିଯୋଗ ଅନୁଯାୟୀ ସ୍ୱାମୀ ରବିବାର ଅପରାହ୍ନରେ ଶଶୁର ଘରୁ ବାଇକ ନେଇ ଘରେ ପହଞ୍ଚିବା ପରେ ପରିବାର ଲୋକଙ୍କୁ ଗାଡି ଘର ଭିତରକୁ ଉଠାଇବା ପାଇଁ କହିଥିଲେ। ଏହି ସମୟରେ ପାଖରେ ଥିବା ଅଙ୍ଗନୱାଡି କର୍ମୀ ମିନତି ନାୟକ ଓ ଅନ୍ୟ କେତେକ ସମ୍ପର୍କୀୟ ତାଙ୍କୁ ଗାଳିଗୁଲଜ କରି ମରଣାନ୍ତକ ଆକ୍ରମଣ କରିଥିଲେ । ବାପାଙ୍କୁ ମାରୁଥିବା ଦେଖି ଝିଅ ପ୍ରମିଳା ଛଡାଇବାକୁ ଯିବାରୁ ତାଙ୍କୁ ମଧ ମାଡ ମରାଯାଇଥିଲା। ଆହତ କୈଳାସଙ୍କୁ ଏକ ଅଟୋ ସାହାଯ୍ୟରେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା।

## 'ଟେକ୍ନୋଲୋଜି ବିନା ସମାଜର ସ୍ୱପ୍ନ ଅଧୁରା'


ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ କେନ୍ଦ୍ରମନ୍ତ୍ରୀ ଓ ଅନ୍ୟମାନେ।

**ସଜନାଗଡ଼,୧୧।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରିର ଏକ ଅଗ୍ରଣୀ ଘରୋଇ ଶିକ୍ଷାନୁଷ୍ଠାନ ରାଜା କିଶୋର ଚନ୍ଦ୍ର ଏକାଡ଼େମୀ ଅଫ ଟେକ୍ନୋଲୋଜି (ଆର୍‌କେସିଏଟି) ଇଞ୍ଜିନିୟରିଂ କଲେଜର ଏକ୍ସଟାସି-୨୦୨୦ ର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହାର ଉଦ୍‌ଯାପନୀ ସନ୍ଧ୍ୟାରେ କେନ୍ଦ୍ର ଅଣୁ, କ୍ଷୁଦ୍ର ଏବଂ ମଧ୍ୟମଉଦ୍ୟୋଗ, ମତ୍ସ୍ୟ, ପ୍ରାଣୀବିକାଶ ଏବଂ ଗୋପାଳନ ରାଷ୍ଟ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଟେକ୍ନୋଲୋଜି ବିନା ସମାଜର ସ୍ୱପ୍ନ ଅଧୁରା ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଓ ସମ୍ମାନନୀୟ ଅତିଥି ଭାବେ ଉଦଳା ବିଧାୟକ ଭାସ୍କର ଚନ୍ଦ୍ର ମଢ଼େଇ ମଞ୍ଚାସୀନ ଥିଲେ। ଅନ୍ୟତମ ସମ୍ମାନନୀୟ ଅତିଥି ଭାବେ ବରିଷ୍ଠ ଖବରଦାତା ମଧୁସୁଦନ ଦାଶ, ନୀଳଗିରି ଏନ୍‌ଏସିର ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଆରକେସିଏଟି କଲେଜର ଅଧ୍ୟକ୍ଷ ଇଂ. ପ୍ରେମାନନ୍ଦ ପ୍ରଧାନ, ସୁଦର୍ଶନ ସିଂ ମଞ୍ଚାସୀନ ବକ୍ତବ୍ୟ ରଖିଥିଲେ। ଆରକେସିଏଟି କଲେଜର ପ୍ରତିଷ୍ଠାତା ଇଂ. ସୁଶୀଲ କୁମାର ସିଂ ମଞ୍ଚରେ ସଭାପତିତ୍ୱ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରେମାନନ୍ଦ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁକ୍ତ୨ ଗଣିତ ପ୍ରଶ୍ନପତ୍ରରେ ବିଭ୍ରାଟ ଅଭିଯୋଗ

**ଭୋଗରାଇ,୧୧।୩(ଡି.ଏନ.ଏ.):** ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ଗଣିତ ପରୀକ୍ଷା ପ୍ରଶ୍ନପତ୍ରରେ ବିଭ୍ରାଟ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ରେଗୁଲାର ପରୀକ୍ଷାର୍ଥୀଙ୍କ ଗଣିତ ବିଷୟ ଥିବାବେଳେ ସେଟ୍-ସି ପ୍ରଶ୍ନପତ୍ରରେ ୧ନଂ.ଏ ପ୍ରଶ୍ନ ୧ନଂ.ଡ଼ି ପ୍ରଶ୍ନ ଭାବେ ରହିଥିବା ଏବଂ ବି ପ୍ରଶ୍ନରେ ମଧ ୧ନଂ.ଇ ପ୍ରଶ୍ନ ରିପିଟ୍ ହୋଇଥିବା କୁହାଯାଉଛି। ଏହି ପ୍ରଶ୍ନଗୁଡ଼ିକ ୧ମାର୍କି ବିଶିଷ୍ଟ। ବାଲେଶ୍ୱର ଜିଲାର କଟୁଆଡ଼ି କଲେଜର ଜଣେ ପରୀକ୍ଷାର୍ଥୀ ଏ ନେଇ କଲେଜ ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇଛନ୍ତି। ଏ ସମ୍ପର୍କରେ ପରୀକ୍ଷାକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ହରିପଦ ପରମାଣିଙ୍କୁ ପଚାରିବାରୁ ସେ ପ୍ରଶ୍ନପତ୍ର ଅନୁଧ୍ୟାନ କରି କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି।

### ପରୀକ୍ଷାର୍ଥୀଙ୍କ ଆକ୍ରୋଶ

ସେହିପରି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଏକ କଲେଜରେ ଯୁକ୍ତ୨ ଗଣିତ ପରୀକ୍ଷା ଚାଲୁଥିବାବେଳେ ପରୀକ୍ଷା ନିରୀକ୍ଷକ ପରୀକ୍ଷାକୁ ଶୃଙ୍ଖଳିତ ଓ ସ୍ୱଚ୍ଛ କରିବାକୁ ଯାଇ ପରୀକ୍ଷାର୍ଥୀଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ଏଭଳି କଟକଣାକୁ ବିରୋଧ କରି ଅନେକ ପରୀକ୍ଷାର୍ଥୀ କଲେଜର ମୁଖ୍ୟ ଗେଟ୍‌ରେ ତାଲା ପକାଇ ଜଣେ କର୍ତ୍ତୃପକ୍ଷଙ୍କୁ ପ୍ରାୟ ଦେଢ଼ଘଣ୍ଟା ଅଟକ ରଖିଥିଲେ। ଖବର ପାଇ କମର୍ଦ୍ଦା ପୋଲିସ ଘଟଣାସ୍ଥଳକୁ ଯାଇ ତାଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣା ନେଇ କର୍ତ୍ତୃପକ୍ଷ ଥାନା କିମ୍ବା ଉଚ୍ଚଶିକ୍ଷା ବିଭାଗ ଠାରେ କିଛଇ ଅଭିଯୋଗ କରି ନ ଥିବା ସୂଚନା ମିଳିଛି।

## ଇମାମୀ ପେପର ମିଲ୍‌ସରେ ଅଗ୍ନିକାଣ୍ଡ



ଇମାମୀ ପେପର ମିଲ୍‌ସରେ ଲାଗିଥିବା ନିଆଁକୁ ଲିଭାଯାଉଛି।

**ବାଲେଶ୍ୱର ଅଫିସ,୧୧।୩:** ବାଲେଶ୍ୱର ଜିଲା ରେମୁଣା ବାଲଗୋପାଳପୁର ସ୍ଥିତ ଇମାମୀ ପେପର ମିଲ୍‌ସର ଏକ ଗୋଦାମ ଘରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ସମୟରେ ହଠାତ୍ କୌଣସି କାରଣରୁ ଅଗ୍ନିକାଣ୍ଡ ଘଟିଥିଲା। କର୍ତ୍ତୃପକ୍ଷଙ୍କ ଠାରୁ ଖବରପାଇ ରେମୁଣା ଓ ଜିଲା ଅଗ୍ନିଶମ ବିଭାଗର ୪ଟି ଦମକଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସମ୍ପୂର୍ଣ୍ଣ ଅଗ୍ନିକାଣ୍ଡକୁ ରୋକିବା ପାଇଁ ଅଗ୍ନିଶମ ବିଭାଗକୁ ବୁଧବାର ସକାଳ ପର୍ଯ୍ୟନ୍ତ ସମୟ ଲାଗିଥିଲା। ଅଗ୍ନିକାଣ୍ଡରେ କୌଣସି ଜୀବନ ନଷ୍ଟ ହୋଇ ନ ଥିଲେ ମଧ ବହୁ ସମ୍ପତ୍ତି ନଷ୍ଟ ହୋଇଥିବା ଜଣାପଡ଼ିଛି।

ଇମାମୀ କମ୍ପାନୀର ଚାରିପଟେ ଘେରାଉ ଥିବା ଏକ ଷ୍ଟକ୍ ରୁମ୍‌ରେ ଖବରକାଗଜକୁ ସୁପରଫାଇନ୍ କରିବା ପାଇଁ ବାହାରୁ ଆସୁଥିବା ପେପର ପଲ୍‌ପସ ଏବଂ ରଦ୍ଦି କାଗଜ ରହୁଥିଲା। ସେଥିରେ କୌଣସି କାରଣରୁ ହଠାତ୍ ନିଆଁ ଲାଗିଥିବା କୁହାଯାଉଛି। କମ୍ପାନୀରେ ଥିବା ଅଗ୍ନି ନିରାପତ୍ତା ସୁରକ୍ଷା ବ୍ୟବସ୍ଥା ନିଆଁ ଲିଭାଇବରେ ବିଫଳ ହେବା ପରେ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଜିଲାପ୍ରଶାସନ ନିର୍ଦ୍ଦେଶରେ ଅଗ୍ନିଶମ ବିଭାଗର ଜିଲା ଅଧିକାରୀ ଧରେନ ସୋରେନ ରେମୁଣା ସମେତ ବାଲେଶ୍ୱରରୁ ୪ଟି ଦମକଳ ନେଇ ନିଆଁକୁ ଆୟତ୍ତ କରିଥିଲେ। କମ୍ପାନୀରେ ଅଗ୍ନିଶମ ନିରାପତ୍ତା ବ୍ୟବସ୍ଥା ଥିବା ସତ୍ତ୍ୱେ କେଉଁ କାରଣରୁ ନିଆଁ ଲାଗିଲା ତାହା ଏଯାଏଁ ଅସ୍ପଷ୍ଟ ରହିଛି। ତେବେ ସର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଅନୁମାନ କରାଯାଉଛି। କ୍ଷୟକ୍ଷତିର ପରିମାଣ ସଠିକ୍ ଭାବେ ଜଣାପଡ଼ି ନାହିଁ। ପ୍ରଶାସନ ଓ କମ୍ପାନୀ ଅଧିକାରୀ ମିଳିତ ଭାବେ କ୍ଷୟକ୍ଷତିର ଆକଳନ କରୁଥିବାର ଇମାମୀ ପେପର ମିଲ୍‌ସର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ ଅଗ୍ନିଶମ ବିଭାଗର ଜିଲା ଅଧିକାରୀ ଧରେନ ସୋରେନ କହିଛନ୍ତି, ଅଗ୍ନିକାଣ୍ଡର ସଠିକ୍ କାରଣ ଜଣାପଡ଼ି ନଥିଲେ ମଧ ସର୍ଟସର୍କିଟ୍ ଯୋଗୁଁ ହୋଇଥିବାର ଅନୁମାନ କରାଯାଉଛି। ତଦନ୍ତ ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ପ୍ରକାଶ କରିଛନ୍ତି।

**ନିଆଁ ଲାଗିବା କାରଣ ଅସ୍ପଷ୍ଟ**

## ମତ୍ସ୍ୟଚାଷୀଙ୍କ ପାଇଁ ସଚେତନତା ଶିବିର


ଅତିଥିଙ୍କ ଦ୍ୱାରା ମତ୍ସ୍ୟ ରୋଗର ପ୍ରତିକାର ସମ୍ବନ୍ଧୀୟ ଏକ ପୁସ୍ତକ ଲୋକାର୍ପଣ କରାଯାଉଛି।

**ବାଲେଶ୍ୱର ଅଫିସ, ୧୧।୩:** ଜାତୀୟ ଜଳଜୀବ ରୋଗ ନିରୀକ୍ଷଣ କାର୍ଯ୍ୟକ୍ରମ (ଏନ୍‌ଏସ୍‌ପିଏଏଡ଼ି)ଙ୍କ ଦ୍ୱାରା ପ୍ରାୟୋଜିତ "ମଧୁର ଓ କ୍ଷାରି ଜଳ ମାଛ ଓ ଚିଙ୍ଗୁଡ଼ି ଚାଷରେ ରୋଗ ଓ ଏହାର ନିରାକରଣ" ସମ୍ବନ୍ଧରେ ଏକ ସଚେତନତା ଶିବିର ମୟୂରଭଞ୍ଜର ବୈଶିଙ୍ଗା କୈଳାସ ଫିସେରି ଓ ଆକ୍ୱାଟିକ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ମତ୍ସ୍ୟ ରୋଗର ପ୍ରତିକାର ସମ୍ବନ୍ଧୀୟ ଏକ ପୁସ୍ତକ ଉନ୍ମୋଚିତ ହୋଇଥିଲା।

ଶିବିରରେ ପ୍ରାୟ ୧୧୦ ଜଣ ମାଛ ଓ ଚିଙ୍ଗୁଡ଼ି ଚାଷୀ ତଥା ୩୦ଜଣ ମତ୍ସ୍ୟ ଅଧିକାରୀ ଯୋଗଦେଇଥିଲେ। ବ୍ରହ୍ମପୁର ସ୍ଥିତ ମତ୍ସ୍ୟବିଜ୍ଞାନ ମହାବିଦ୍ୟାଳୟ (ଓୟୁଏଟି)ର ପ୍ରକଳ୍ପ ମୁଖ୍ୟ ଡ. ସନ୍ତୋଷ କୁମାର ଉଦ୍‌ଗାତା ସ୍ୱାଗତ ଭାଷଣ ଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସହଯୋଗୀ ତଥା ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡ଼ିଏ)ର ଉପନିର୍ଦ୍ଦେଶକ ଡ. ଉମେଶ ଚନ୍ଦ୍ର ମହାପାତ୍ର କ୍ଷାରି ପାଣି ଚିଙ୍ଗୁଡ଼ି ଚାଷରେ ଉପୁଜିଥିବା ସମସ୍ୟା ଓ ଏହାର ନିରାକରଣ ସମ୍ପର୍କରେ କହିଥିଲେ। ମାରସ୍କୋ ଆକ୍ୱା କ୍ଲିନିକ୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ଏଓସିର ବୈଜ୍ଞାନିକ ଡ. ରେଖା ଦାସ ଚିଙ୍ଗୁଡ଼ି ଓ ମାଛ ଚାଷରେ ପ୍ରୋବାଇଓଟିକ୍‌ର ଉପଯୋଗିତା ସମ୍ପର୍କରେ ସୂଚାଇଥିଲେ। ଉପମତ୍ସ୍ୟ ନିର୍ଦ୍ଦେଶକ ଅଜୟ କୁମାର ଭୋଇ ଉନ୍ନତ ଜ୍ଞାନ କୌଶଳରେ ମାଛ ଓ ଚିଙ୍ଗୁଡ଼ି ଚାଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ଡ. ବିକାଶ କୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଯୋଗଦେଲେ ୧୧୦ ଚାଷୀ, ୩୦ ଅଧିକାରୀ**

## ମଦ ଜବତ କରି ଥାନା ଜିମା ଦେଲେ ମହିଳା

**ଲଙ୍ଗଳେଶ୍ୱର,୧୧।୩(ଡି.ଏନ.ଏ.)**

ବାଲିଆପାଳ ବ୍ଲକ ଛକ ନିକଟରେ ଦୀର୍ଘଦିନ ଧରି ଚାଲିଆସୁଥିବା ଏକ ବେଆଇନ ମଦ ଦୋକାନ ଉପରେ ଜନନୀ ପରିବାରର ମହିଳା ସଦସ୍ୟାମାନେ ଚଢ଼ାଉ କରି ବିପୁଳ ପରିମାଣର ଦେଶୀ ମଦ ଜବତ କରି ବାଲିଆପାଳ ଥାନାରେ ଜିମା ଦେଇଛନ୍ତି। ମଦ ଦୋକାନୀଙ୍କ ବିରୋଧରେ ଜନନୀ ପରିବାର ପକ୍ଷରୁ ସଭାପତି ଆଇନ୍‌ଜୀବୀ ଜ୍ୟୋତ୍ସ୍ନା ମହାନ୍ତି ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ସଂଗଠନର ସଦସ୍ୟାମାନେ ସୋମବାର ସନ୍ଧ୍ୟାରେ ଏକ କାର୍ଯ୍ୟକ୍ରମ ସାରି ଫେରୁଥିବାବେଳେ ଉକ୍ତ ବେଆଇନ ମଦଭାଟି ନିକଟରେ ଲୋକ ରୁଣ୍ଡ ହୋଇ ମଦ ପିଉଥିବା ଦେଖି ସେମାନଙ୍କୁ ଏଥିରୁ ନିବୃତ୍ତ ହେବା ପାଇଁ କହିଥିଲେ। ମହିଳାମାନଙ୍କୁ ଦେଖି ବ୍ୟବସାୟୀ ଏବଂ ଗ୍ରାହକମାନେ ଦୌଡ଼ି ପଳାଇ ଯାଇଥିଲେ। ମହିଳାମାନେ ଘଟଣାସ୍ଥଳରୁ ଏକ ଟ୍ୟୁବ୍‌ରେ ଭର୍ତ୍ତି ହୋଇ ରହିଥିବା ୫୦ ଲିଟରରୁ ଉର୍ଦ୍ଧ୍ୱ ଦେଶୀମଦ, କିଛି ପରିମାଣର ଗଞ୍ଜେଇ, ଚିଲମ ଏବଂ ମଦ୍ୟପାନ ସରଞ୍ଜାମ ଜବତ କରି ଥାନାକୁ ନେଇଥିଲେ ବୋଲି କହିଛନ୍ତି।

## ପତିରାଜପୁର ମେଳାରେ ଶ୍ରଦ୍ଧାଳୁଙ୍କ ସମାଗମ

**ଖଇରା, ୧୧।୩(ଡି.ଏନ.ଏ.)**


ମେଳା ମଣ୍ଡପରେ ଦିଅଁ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼।

ବାଲେଶ୍ୱର ଜିଲା ଖଇରା ବ୍ଲକରେ ୩ଶହ ବର୍ଷ ଧରି ଚାଲି ଆସୁଥିବା ଐତିହାସିକ ପତିରାଜପୁର ଦୋଳମେଳନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସୋମବାର ରାତିରୁ ଆରମ୍ଭ ହୋଇଛି। ମେଳାର ଚତୁଃପାର୍ଶ୍ୱରୁ ୮୦ରୁ ଊର୍ଦ୍ଧ୍ୱ ଦୋଳ ବିମାନ ବାଜା ରୋଶଣି ଶଙ୍ଖ ହୁଳହୁଳି ଧ୍ୱନି ତଥା ଆକର୍ଷଣୀୟ ଶୋଭାଯାତ୍ରା ମଧ୍ୟରେ ମଣ୍ଡପ ଭିତରକୁ ପ୍ରବେଶ କରିଥିଲେ। ଏହାକୁ ଦେଖିବା ଲାଗି ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା। ଗଗନଧୂଳି ଗ୍ରାମର ଦୋଳ ବିମାନ ମେଳା ମଣ୍ଡପକୁ ପ୍ରବେଶ କରୁଥିବା ବେଳେ ଅଧିକ ଭିଡ ହେବା ଯୋଗୁ ଜଣେ ବ୍ୟବସାୟୀ କ୍ଷତିଗ୍ରସ୍ତ ହୋଇଛନ୍ତି। ମେଳା କମିଟି ପକ୍ଷରୁ ଯଥାସମ୍ଭବ ଶାନ୍ତିଶୃଙ୍ଖଳା ରକ୍ଷା କରାଯାଉଛି। ଗୋଳିହା ଚଣ୍ଡିମାତା ହାଇସ୍କୁଲର ଶିକ୍ଷକ ଦୁର୍ଯ୍ୟୋଧନ ନାୟକଙ୍କ ତତ୍ତ୍ୱାବଧାନରେ ଜୁନିୟର ରେଡକ୍ରସ ଏବଂ ସ୍କାଉଟସ୍ ଗାଇଡର ଛାତ୍ରୀମାନେ ମଣ୍ଡପ ପରିସରରୁ ଆବର୍ଜନା ସଫା କରିଥିଲେ। ବ୍ରହ୍ମାନନ୍ଦ ହସ୍ତଶିଳ୍ପ ଏବଂ ସମାଜକଲ୍ୟାଣ ଟ୍ରଷ୍ଟ ଆନୁକୂଲ୍ୟରେ ଜଳବଣ୍ଟନ ତଥା ସୂଚନା କେନ୍ଦ୍ର ଖୋଲାଯାଇଥିଲା। ସଭାପତି ପିତାମ୍ବର ପଟ୍ଟନାୟକ,ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ,ଉପସଭାପତି ପ୍ରତାପ କୁମାର ପଣ୍ଡା,ସମ୍ପାଦକ ଗୌରାଙ୍ଗ ପାଣି,ଭୀଷ୍ମ ଚରଣ ନାୟକ,ନାରାୟଣ ପାତ୍ର, ଉଦ୍ଧବ ଘଡେଇ,ଗୋଲକ ନାୟକ,କ୍ଷେତ୍ରମୋହନ ଖଟୁଆ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ । ପର୍ଯ୍ୟଟନ, ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କର୍ମୀଙ୍କ ଗହଣରେ ଆସି ଠାକୁରଙ୍କୁ ଦିଅଁଦର୍ଶନ କରିଥିଲେ । ମେଳାରେ ସୋମବାର ରାତିରେ ପ୍ରବଳ ଭିଡ଼ ମଧ୍ୟରେ ଶହେରୁ ଅଧିକ ମୋବାଇଲ ପର୍ସ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି । ମୋବାଇଲ ଗୋଟେ ବି ମିଳି ନ ଥିବା ବେଳେ ରାସ୍ତାରେ ପଡିଥିବା କେତେକ ପର୍ସ ଲୋକେ ପାଇ ବ୍ରହ୍ମାନନ୍ଦ ସମାଜ କଲ୍ୟାଣ ଟ୍ରଷ୍ଟର କର୍ମକର୍ତ୍ତାକୁ ଦେଇଥିଲେ । ସେମାନେ ଏହାକୁ ଖଇରା ପୋଲିସକୁ ହସ୍ତାନ୍ତର କରିଥିଲେ । ଏଥିରେ ବହୁତ ଗୁଡିଏ ଏଟିଏମ କାର୍ଡ ରହିଥିବା ଟ୍ରଷ୍ଟର ସଭାପତି ରବୀନ୍ଦ୍ର ମହାନ୍ତି ଓ ସମ୍ପାଦକ ଲକ୍ଷ୍ମୀକାନ୍ତ ଦାଶ ସୂଚନା ଦେଇଛନ୍ତି ।

## ସଂକ୍ଷେପରେ

### ଷଣ୍ଢ ଲଢ଼େଇ ବେଳେ ଦୁର୍ଘଟଣା: ଯୁବକଙ୍କ ଉପରେ ଚଢ଼ିଗଲା ଟ୍ରକ

**ସୋର, ୧୧।୩(ଡି.ଏନ.ଏ.)**- ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ସୋର-ମଙ୍ଗଳପୁର ରାସ୍ତା ବାଗୁଡି ବଜାର ନିକଟରେ ମଙ୍ଗଳବାର ଦୁଇଟି ଷଣ୍ଢ ଲଢେଇ କରି ରାସ୍ତା ଉପରକୁ ଉଠିଆସିଥିଲେ। ଏହି ସମୟରେ ମହୁମୁହାଣ ଗ୍ରାମର ନରେନ୍ଦ୍ର ଜେନା ବାଇକ୍‌ରେ ସୋର ଅଭିମୁଖେ ଯାଉଥିବାବେଳେ ସେମାନେ ବାଇକ୍‌କୁ ଧକ୍କା ଦେଇଥିଲେ। ଫଳରେ ନରେନ୍ଦ୍ର ତଳେ ପଡିଯିବାରୁ ସମ୍ମୁଖରେ ବାଗୁଡି ଅଭିମୁଖେ ଆସୁଥିବା ଟ୍ରକ ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ନରେନ୍ଦ୍ର ତାଙ୍କ ଝିଅକୁ ଆଣିବାକୁ କଲେଜଛକସ୍ଥିତ ମେସ୍‌କୁ ଯାଉଥିଲେ। ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ପଠାଇ ଟ୍ରକକୁ ଅଟକ ରଖି ତଦନ୍ତ କରୁଥିବା କହିଛି।

### ଜମିଜମା ବିବାଦରୁ ମରଣାନ୍ତକ ଆକ୍ରମଣ: ୨ ଗିରଫ

**ରୂପସା, ୧୧।୩(ଡି.ଏନ.ଏ.)**- ବାଲେଶ୍ୱର ଜିଲା ସିଂଲା ଥାନା ଅନ୍ତର୍ଗତ ପଣସା ଗ୍ରାମରେ ଜମିଜମା ବିବାଦକୁ କେନ୍ଦ୍ର କରି ପାରିବାରିକ କଳହରୁ ଗଣ୍ଡଗୋଳ ଘଟିବାରୁ ବଡ଼ଭାଇ ଓ ସାନଭାଇ ଅନ୍ୟମାନଙ୍କ ସହ ମିଶି ମଝିଆଭାଇଙ୍କୁ ଆକ୍ରମଣ କରିବାରୁ ତାଙ୍କ ଗୋଡ଼ ଭାଙ୍ଗି ଯିବା ଭଳି ଘଟଣା ଘଟିଛି। ପୋଲିସ ଏକ ମାମଲା (ନଂ. ୫୩/୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ଥାନାଧିକାରୀ ପ୍ରଶାନ୍ତ କୁମାର ଜେନା ଅଭିଯୁକ୍ତ ସାନଭାଇ ବରେନ୍ଦ୍ର ଗିରି ଓ ପୁତୁରା ମାନସ ଗିରିଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ଆହତ ମଝିଆଭାଇ ହରିଶ୍ଚନ୍ଦ୍ର ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ଅଭିଯୁକ୍ତ ବଡଭାଇ ଓ ଅନ୍ୟମାନେ ଫେରାର ରହିଛନ୍ତି। ହରିଶ୍ଚନ୍ଦ୍ରଙ୍କ ସ୍ତ୍ରୀ କଳ୍ପନା ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ମଧ ଟଣାଓଟରା କରାଯାଇଥିବା ସେ ଦର୍ଶାଇଛନ୍ତି।

### ବିରଳ ପ୍ରଜାତିର ଧଳା ପେଚା ଉଦ୍ଧାର

**ଲଙ୍ଗଳେଶ୍ୱର, ୧୧।୩(ଡି.ଏନ.ଏ.)**- ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଛକ ସ୍ଥିତ ଶ୍ରୀରାମ ଲାଇଫ୍ ଇନସ୍ୟୁରାନ୍ସ ଅଫିସ ପରିସରରୁ ଏକ ବିରଳ ପ୍ରଜାତିର ଧଳା ପେଚା ଉଦ୍ଧାର କରାଯାଇଛି। ବୁଧବାର ସକାଳେ ଅଫିସ ଖୋଲିବା ମାତ୍ରେ ପେଚାଟି ଅଫିସର ଟ୍ରେନିଂ ହଲ ଭିତରେ ଥିବା ଶାଖା ପରିଚାଳକ ଧନଞ୍ଜୟ ଗିରି ଦେଖିବାକୁ ପାଇଥିଲେ। ଅଫିସର ଅନ୍ୟ କର୍ମଚାରୀମାନେ କବାଟ ଝରକା ବନ୍ଦ କରି ଲଙ୍ଗଳେଶ୍ୱର ଫରେଷ୍ଟ ରେଞ୍ଜର ଜିତେନ୍ଦ୍ର ରାଉତଙ୍କୁ ଖବର ଦେଇଥିଲେ। ଖବର ପାଇ ବନବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ପେଚାଟିକୁ ଉଦ୍ଧାର କରିଥିଲେ। ଏହାକୁ କୁଲଡ଼ିହା ଅଭୟାରଣ୍ୟରେ ଛଡ଼ାଯିବ ବୋଲି ରାଉତ କହିଛନ୍ତି।

### ନୀଳରକ୍ତ କଙ୍କଡ଼ା ସୁରକ୍ଷା ଚିନ୍ତା: ବେଳାଭୂମି ସଫେଇ

**ରୂପସା, ୧୧।୩(ଡି.ଏନ.ଏ.)**- ବାଲେଶ୍ୱର ସଦର ବ୍ଲକ ବାହାବଲପୁର ସାମୁଦ୍ରିକ ଥାନା ଅନ୍ତର୍ଗତ ବଗଦା ବେଳାଭୂମିରେ ସାମୁଦ୍ରିକ ନୀଳରକ୍ତ କଙ୍କଡ଼ାଙ୍କ ସୁରକ୍ଷା ପାଇଁ ସଚେତନା ସୃଷ୍ଟି କରାଯିବା ସହ ସୋମବାର ସଫେଇ ଅଭିଯାନ କରାଯାଇଥିଲା। ବାଲେଶ୍ୱରର ଆସୋସିଏଶନ ଫର ବାୟୋଡାଇଭରସିଟି କଞ୍ଜରଭେଶନ(ଏବିସି), ବଗଦାର ମମତା ଜଙ୍ଗଲ ସୁରକ୍ଷା କମିଟି, ଅମର ଯବାନ ଯୁବ ସଙ୍ଗଠନର ମିଳିତ ଉଦ୍ୟମରେ ବେଳାଭୂମିରେ ପ୍ଲାଷ୍ଟିକ ପ୍ୟାକେଟ, ବୋତଲ, ଟୁକୁରା ଜାଲ, ପଲିଥିନ, କାଚ ସମେତ ଅନ୍ୟାନ୍ୟ ଆବର୍ଜନା ସବୁ ପରିଷ୍କାର ପରିଚ୍ଛନ୍ନ କରାଯାଇଥିଲା। ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଚିତ୍ରଶିଳ୍ପୀ କେଶୁ ଦାସ ଉକ୍ତ ସଭାରେ ପୌରୋହିତ୍ୟ କରିଥିଲେ। ଏବିସିର କୋର୍ଡିନେଟର ବିଜୟ ଦାସ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ପ୍ରତିନିଧି କିମ୍ବା ଧରିତ୍ରୀ ମୁଖ୍ୟ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

# ଧୁମ୍‌ଧାମରେ ବାହାବଙ୍ଗା ପର୍ବ ପାଳିତ

- ମାଦଳ ବାଜାରେ ଦୁଲୁକିଲା ଅଞ୍ଚଳ
- ନୂଆ ବସ୍ତ୍ର ପରିଧାନ କରି ନିଆରା ଢଙ୍ଗରେ ପାଳିଲେ

**ରାଇସୁଆଁ, ୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ରାଇସୁଆଁ ପଞ୍ଚାୟତର ରାଜବନ୍ଧ ଗ୍ରାମରେ ନିଆରା ଢଙ୍ଗରେ ମଙ୍ଗଳବାର ପାଳିତ ହୋଇଯାଇଛି ବାହାବଙ୍ଗା ପର୍ବ। ଏହି ପର୍ବ ସାନ୍ତାଳୀ ସମ୍ପ୍ରଦାୟର ଏକ ମୁଖ୍ୟ ପର୍ବ। ଫଗୁଣ ମାସ ପୂର୍ଣ୍ଣିମାରେ ଏହି ପର୍ବ ପାଳିତ ହୋଇଛି। ମଙ୍ଗଳବାର ବହୁ ଧୁମ୍‌ଧାମରେ ଏହି ପର୍ବ ପାଳନ କରାଯାଇଛି। ଏହି ଅବସରରେ ଶାଳିଆ ପୂଜା ପାରମ୍ପାରିକ ରୀତିନୀତିରେ ପାଳିତ ହୋଇଯାଇଛି। ସାନ୍ତାଳୀମାନଙ୍କ ଦେବାଦେବୀ ଜାହେରଆୟ, ମଣେକ, ଲିଟା ପ୍ରଭୃତି ଦେବାଦେବୀ ମାନଙ୍କୁ ନାଏକ ବା ପୂଜକ ପିତାମ୍ବର ମାଝୀ ଶାଳଫୁଲ, ମହୁଲଫୁଲ, ଶାଳ ପତ୍ର ଅର୍ପଣ କରି ପୂଜାର୍ଚ୍ଚନା କରିଥଲେ। ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କୁ ଶାଳଫୁଲ ଅର୍ପଣ କରାଯାଇଥିଲା। ପୂଜା ପରେ ସେମାନେ ଶାଳ, ମହୁଲ ଆଦିର ଫଳଫୁଲ, ପତ୍ର ବ୍ୟବହାର କରି ପାରିବେ ବୋଲି ପରମ୍ପରା ରହିଛି। ଏହି


ମାଦଳର ତାଳେ ତାଳେ ସାନ୍ତାଳୀ ସମ୍ପ୍ରଦାୟର ଲୋକେ ନୃତ୍ୟ ପରିବେଷଣ କରୁଛନ୍ତି।

ପର୍ବ ପାଳନ ଦ୍ୱାରା ଗ୍ରାମରେ ଥିବା ସମସ୍ତ ଅସୁବିଧା ବା ସମସ୍ୟା ଦୂର ହୋଇଥାଏ ଏବଂ ସମସ୍ତେ ଭଲରେ ରହିଥାନ୍ତି ବୋଲି ବିଶ୍ୱାସ ରହିଛି। ଏହି ପର୍ବ ବିଷୟରେ ବରିଷ୍ଠ ସାନ୍ତାଳୀ ସମ୍ପ୍ରଦାୟର କାଳିଚରଣ ମାଝୀ କୁହନ୍ତି ଯେ, ସାନ୍ତାଳୀ ସମ୍ପ୍ରଦାୟର ଲୋକମାନେ ଏକ ନିଆରା ଢଙ୍ଗରେ ପାଳନ କରିଥାନ୍ତି। ବିଶେଷ ଭାବରେ ପ୍ରକୃତି ପୂଜା ଯଥା ନୂଆ ଫୁଲ ଏବଂ ପତ୍ରକୁ ପ୍ରଥମେ ଶାଳରେ ପୂଜା କରାଯାଇ ପରେ ସାନ୍ତାଳ ସମ୍ପ୍ରଦାୟର ଲୋକମାନେ ବ୍ୟବହାର କରନ୍ତି। ଏହି ପର୍ବର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭଲ ଫୁଲ ଏବଂ ଫଳରେ ଭରି ଉଠୁ ପ୍ରକୃତି। ଏହି ପର୍ବରେ ସାନ୍ତାଳୀ ନାଚ ଗୀତ ଏବଂ ମାଦଳ ଆଦି ବାଦ୍ୟରେ ଅଞ୍ଚଳ ଦୁଲୁକି ଉଠିଛି। ନାଚ ଗୀତରେ ସାମିଲ ହେବା ପାଇଁ ବହୁ ଅଞ୍ଚଳରୁ ହଜାର ହଜାର ସାନ୍ତାଳୀ ସମ୍ପ୍ରଦାୟର ଲୋକ ଛୁଟି ଆସନ୍ତି ଏହି ଗ୍ରାମକୁ। ପ୍ରତି ସାନ୍ତାଳୀ ସମ୍ପ୍ରଦାୟର ଲୋକ ମାନେ ନିଜ ନିଜର ପାରମ୍ପରିକ ବସ୍ତ୍ର ପରିଧାନ କରି ମାଦଳର ତାଳେତାଳେ ନୃତ୍ୟ କରିଥାନ୍ତି। ଏହି ଅଞ୍ଚଳରେ ଏହି ବାହାବଙ୍ଗା ପର୍ବଟି ଅତି ପ୍ରସିଦ୍ଧି ଲାଭ କରିଛି। କାର୍ଯ୍ୟକ୍ରମ ପରିଚାଳନାରେ ରାମ ମାଝୀ, ବିଦ୍ୟାଧର ମାର୍ଣ୍ଡି, ପ୍ରମୁଖ ମୁଖ୍ୟ ଭୂମିକା ଗ୍ରହଣ କରିଥିବାବେଳେ ସମସ୍ତ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ।

## ଟ୍ରେନ୍ ଧକ୍କାରେ ଜୀବନ ଗଲା

**ଭାଇଘରେ ପହଞ୍ଚି ପାରିଲେନି ଭଉଣୀ**

**କେନ୍ଦୁଝର, ୧୧।୩(ସ୍ୱ.ପ୍ର.)**

ଭାଇଘରେ ପହଞ୍ଚିପାରିଲେନି ଭଉଣୀ। ଟ୍ରେନ ଧକ୍କାରେ ଅଧାବାଟରେ ଜୀବନ ଚାଲିଗଲା। ଏଭଳି ଦୁଃଖଦ ଘଟଣା ଘଟିଛି କେନ୍ଦୁଝର ସଦର ବ୍ଲକ ବେଦପଳସା ଅଞ୍ଚଳରେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ବୋଦପଳସା ଗ୍ରାମର ଗୌରୀ ପଣ୍ଡା ନାମ୍ନୀ ଜଣେ ମହିଳା ରବିବାର ରାତିରେ ରାଇସୁଆଁ ରେଳବିଭାଗର ରେଳଫାଟକରେ ଚାକିରି କରୁଥିବା ସାନ ଭାଇ ରଶ୍ମିରଞ୍ଜନ ମିଶ୍ରଙ୍କ ପାଖକୁ ଯିବେ ବୋଲି ତାଙ୍କ ଭାଇଙ୍କ ସହିତ ଫୋନରେ କଥା ହୋଇଥିଲେ। ସୋମବାର ସକାଳେ ସେ ଘରୁ ବାହାରି ରେଳଧାରଣାରେ ଚାଲି ଚାଲି ରାଇସୁଆଁ ଯାଉଥିଲେ। ତାଙ୍କର କାନରେ ସମସ୍ୟା ଥିବାରୁ ସେ ଭଲ ଭାବେ ଶୁଣି ପାରୁ ନ ଥିଲେ। ଏହି ରେଳଧାରଣା ଦେଇ ବିଶାଖାପାଟଣା ଯାତ୍ରୀବାହୀ ଟ୍ରେନ ଯାଉଥିବା ବେଳେ ବହୁବାର ହର୍ନ ମରାଯାଇଥିଲେ ବି ତାଙ୍କୁ ଶୁଭି ନ ଥିଲା। ଫଳରେ ଗମ୍ଭାରିଆ ପୋଖରୀ ପାଖ ଟ୍ରାକ ନିକଟରେ ତାଙ୍କୁ ଟ୍ରେନ ଧକ୍କା ଦେଇଥିଲା। ଟାଉନ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## କୂଅରେ ପଡ଼ି ୨ ବର୍ଷ ଶିଶୁର ଜୀବନ ଗଲା

**ପାଟଣା, ୧୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ ଖିରେଇଟାଙ୍ଗିରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ସକାଳେ ଟୁନା ମୁଣ୍ଡାଙ୍କ ୨ ବର୍ଷର ପୁଅ ଜଗା ଏକ ପରିତ୍ୟକ୍ତ କୂଅରେ ପଡି ପ୍ରାଣ ହରାଇଛନ୍ତି। ଜଗା ଅଗଣାରେ ଖେଳୁଥିବା ବେଳେ ଅସାବଧାନତାବଶତଃ କୂଅ ଭିତରେ ଖସିପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ହେଁ ଡାକ୍ତର ଶିଶୁଙ୍କୁ ମୃତ ଘୋଷଣା କରିଥିଲେ।

## କାନଝରି ଡ୍ୟାମ୍ ଜଳ ପ୍ରଦୂଷିତ

**କେନ୍ଦୁଝର, ୧୧।୩(ସ୍ୱ.ପ୍ର.)**

ସଦର ବ୍ଲକ ଅନ୍ତର୍ଗତ କାନଝରି ଡ୍ୟାମରେ ବସ୍ତାରେ ବନ୍ଧା ହୋଇଥିବା ବହୁ ସଂଖ୍ୟାରେ ମଲା କୁକୁଡ଼ା ଭାସୁଥିବାରୁ ଏହାର ଜଳ ପ୍ରଦୂଷିତ ହୋଇଛି। ସୋମବାର ଆଖପାଖ ଅଞ୍ଚଳରେ ଦୁର୍ଗନ୍ଧ ହେବାରୁ ସ୍ଥାନୀୟ ଲୋକ ଏହା ଜାଣିବା ପରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏହି ଡ୍ୟାମରୁ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ହୋଇଥାଏ। ଏଣୁ ଦୂଷିତ ପାଣିକୁ ନେଇ ସହରବାସୀ ଚିନ୍ତାରେ ରହିଛନ୍ତି। ସେହିପରି ଏହି ପାଣି ଉପରେ ଆଖପାଖ ୪ରୁ ୫ ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ସେହିପରି ପର୍ଯ୍ୟଟକ ବହୁ ସଂଖ୍ୟାରେ ଆସି ଭୋଜିଭାତ କରିଥାନ୍ତି। ମଙ୍ଗଳବାର ହୋଲି ଥିବାରୁ ବହୁ ଲୋକ ପୂର୍ବବର୍ଷ ଭଳି ସେଠାକୁ ଯାଇ ଗାଧୁଆ ପାଧୁଆ କରିବା ସହ ଭୋଜିଭାତ କରିବେ। ଏହାଦ୍ୱାରା ବିଭିନ୍ନ ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କା ରହିଛି। ଯଦିଓ ପାଣିକୁ ବିଶୋଧନାଗାରରେ ବିଶୋଧନ କରି ଯୋଗାଣ ହେଉଛି ଏଣୁ ସମସ୍ୟା ନାହିଁ ବୋଲି କୁହାଯାଉଥିଲେ ହେଁ ଏହାକୁ ନେଇ ଲୋକଙ୍କ ମଧ୍ୟରେ ସଂଶୟ ସୃଷ୍ଟି କରୁଛି। ଅନେକ ପାଣି ବ୍ୟବହାର କରୁ ନାହାନ୍ତି ଓ କେତେକ ପାଣି ଫୁଟାଇ ବ୍ୟବହାର କରୁଥିବା ଜଣାପଡିଛି। ତେବେ ଏତେ ସଂଖ୍ୟାରେ ମଲା କୁକୁଡା କେଉଁଠୁ ଆସିଲା କିଏ ପକାଇଲା ତାହା ଜଣାପଡିନାହିଁ। ବାର୍ଡ ଫ୍ଲୁ କୁ ନେଇ ରାଜ୍ୟରେ କୁକୁଡ଼ା ମରା ଅଭିଯାନ ଚାଲିଥିବା ବେଳେ ଏହି କୁକୁଡ଼ା କିପରି ମଲା ତାହା ଯାଞ୍ଚ ସାପେକ୍ଷ। କୁକୁଡ଼ା ସବୁ ପଚିଯାଇଥିବା ବେଳେ ଦୁର୍ଗନ୍ଧ ହେଉଥିବାରୁ ପରିବେଶ ପ୍ରଦୂଷଣ ହେଉଥିବାରୁ ଆପତଃକାଳୀନ ପଦକ୍ଷେପ ନେବାକୁ ଦାବି ହେଉଛି।

## ଟ୍ୟାକ୍ସ କଲେକ୍ଟର ନିଲମ୍ବିତ

**କେନ୍ଦୁଝର, ୧୧।୩ (ସ୍ୱ.ପ୍ର./ ଡି.ଏନ.ଏ.)**

କେନ୍ଦୁଝରଗଡ ପୌରପାଳିକାର ଟ୍ୟାକସ ଆଣ୍ଡ ଫି କଲେକ୍ଟର ହୃଦାନନ୍ଦ ରାୟଙ୍କୁ ଗୃହ ଓ ସହରାଞ୍ଚଳ ବିକାଶ ବିଭାଗ ଚିଠି ନମ୍ବର ୬୭୬୨/ରେ ଗତ ମାର୍ଚ୍ଚ ୬ ତାରିଖରେ ନିଲମ୍ବିତ କରିଛନ୍ତି। ତାଙ୍କ ନାମରେ ପୌରାଞ୍ଚଳରେ ବ୍ୟାପକ ବେଆଇନ କାମରେ ସମ୍ପୃକ୍ତିଥିବା ନେଇ ଅଭିଯୋଗ ପରେ ଜିଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା (ଡିୟୁଡିଏ) ପକ୍ଷରୁ ଯାଞ୍ଚ ରିପୋର୍ଟକୁ ଭିତ୍ତି କରି ଏଭଳି ପଦକ୍ଷେପ ନେଇଥିବା ଜଣାପଡିଛି। ସହରାଞ୍ଚଳରେ ବେଆଇନ ଘର ନିର୍ମାଣ ତଥା ଅନ୍ୟାନ୍ୟ ବେଆଇନ କାର୍ଯ୍ୟରେ ତାଙ୍କର ସମ୍ପୃକ୍ତି ଥିବା ଜଣାପଡିବା ପରେ ଏଭଳି ପଦକ୍ଷେପ ବିଭାଗ ପକ୍ଷରୁ ସିଧାସଳଖ ନିଆଯାଇଥିବା ପ୍ରକଳ୍ପ ନିର୍ଦ୍ଦେଶକ, ଡୁଡା ଘାସିରାମ ମୁର୍ମୁ ସୂଚନା ଦେଇଛନ୍ତି।

## ଟ୍ରକ୍‌କୁ ପଛରୁ ପିଟିଲା ଟ୍ରକ, ଚାଳକ ମୃତ

**କେନ୍ଦୁଝର, ୧୧।୩(ସ୍ୱ.ପ୍ର.)**

କେନ୍ଦୁଝର ସହର ଦେଇ ଯାଇଥିବା ପୁରୁଣା ବଜାର ନିକଟ ୨୦ ନଂ. ଜାତୀୟ ରାଜପଥରେ ଏକ ଟ୍ରକ ଦ୍ରୁତ ଗତିରେ ଯାଉଥିବା ବେଳେ ରାସ୍ତାକଡରେ ଠିଆ ହୋଇଥିବା ଅନ୍ୟ ଏକ ଟ୍ରକକୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଆଗ ଟ୍ରକ ପଛରେ ଠିଆ ହୋଇଥିବା ଟ୍ରକ ଚାଳକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଦୁର୍ଘଟଣା ଏତେ ଜୋର ହୋଇଥିଲା ଯେ ତାଙ୍କ ଅଣ୍ଟା ଦୁଇ ଗଡ଼ ହୋଇଯାଇଥିଲା। ମୃତ ବ୍ୟକ୍ତିର ପରିଚୟ ମିଳିନାହିଁ। ପୋଲିସ ଓ ଦମକଳବାହିନୀ ପହଞ୍ଚି ଟ୍ରକ ଭିତରୁ କଟର ସହାୟତାରେ ଧକ୍କା ଦେଇଥିବା ଟ୍ରକ ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଛନ୍ତି।

## ଲ୍ୟାମ୍ପରେ ଅବ୍ୟବସ୍ଥା ନେଇ ଚାଷୀଙ୍କ ଅଭିଯୋଗ


ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଛନ୍ତି।

**କେନ୍ଦୁଝର, ୧୧।୩(ଡି.ଏନ୍.ଏ.)**

କେନ୍ଦୁଝର ସଦର ବ୍ଲକର ପଳାଶପଙ୍ଗାଠାରେ ଥିବା ଧାନକ୍ରୟ କେନ୍ଦ୍ରରେ ଚାଷୀମାନଙ୍କଠାରୁ ଧାନକିଣାରେ ପାତରଅନ୍ତର ନୀତି ଅବଲମ୍ବନ କରୁଥିବା ଚାଷୀମାନେ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ବିଗତ ୭ଦିନ ହେଲା ଚାଷୀ ଲ୍ୟାମ୍ପରେ ଧାନ ବିକ୍ରି କରିବା ପାଇଁ ଧାଇଁ ଧାଇଁ ନୟାନ୍ତ ହୋଇ ସାରିଥିବାବେଳେ ଟୋକନ ଦେବାରେ ଲ୍ୟାମ୍ପ କର୍ତ୍ତୃପକ୍ଷ ହାତଗୁଞ୍ଜା ନେଇ କ୍ରମାଙ୍କ ନମ୍ବରକୁ ଏପଟ ସେପଟ କରି ଧାନ କ୍ରୟ କରୁଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି।

ପ୍ରକାଶଯୋଗ୍ୟ ଯେ, ଧାନ କ୍ରୟ ପାଇଁ ଗତ ୩ ଓ ୪ ତାରିଖ କେତେକ ଚାଷୀଙ୍କ ମୋବାଇଲକୁ ମେସେଜ୍ ମାଧ୍ୟମରେ ଅନୁମତି ଆସିଥିଲା। ତା' ପରଦିନଠାରୁ ଟୋକନ ପାଇଁ ପଳାଶପଙ୍ଗା ଲ୍ୟାମ୍ପକୁ ଚାଷୀମାନେ ଯାଇ ତାଙ୍କର ଧାନ ବିକ୍ରୟ ସମ୍ପର୍କରେ ପଚାରିଲେ ମଧ ଚାଷୀମାନଙ୍କୁ କର୍ମକର୍ତ୍ତାମାନେ ସହଯୋଗ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଚାଷୀ ଶଶୀଭୂଷଣ ମହାନ୍ତ, ରବିକାନ୍ତ ମହାନ୍ତ, ଡାକ୍ତର ବାରିକ, ଜଗବନ୍ଧୁ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଦସ୍ତଖତ ସମ୍ବଳିତ ଏକ ଦାବିପତ୍ରକୁ କେନ୍ଦୁଝର ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏହାର ଏକକିତା ନକଲ ସଦର ବିଧାୟକଙ୍କ ଅବଗତି ନିମନ୍ତେ ଚାଷୀମାନେ ପ୍ରଦାନ କରିଥିବା ସୂଚନା ମିଳିଛି।

## କେନ୍ଦୁପତ୍ର ତୋଳାଳି ଶ୍ରମିକଙ୍କ ଏନ୍‌ଏଚ୍ ଅବରୋଧ

**ତେଲକୋଇ, ୧୧।୩(ଡି.ଏନ.ଏ.)**

ତେଲକୋଇ ବ୍ଲକ ଅଧୀନ କେନ୍ଦୁପତ୍ର କର୍ମଚାରୀ ଓ ତୋଳାଳି ମାନେ ଶତାଧିକ ସଂଖ୍ୟାରେ ବୁଧବାର ଜଗମୋହନପୁର ଛକ ଜାତୀୟ ରାଜପଥ(୪୯)କୁ ଅବରୋଧ କରିଥିଲେ। ଏଥିପାଇଁ ଶତାଧିକ ସଂଖ୍ୟାରେ ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିଥିଲା। ୬ଦଫା ଦାବି ନେଇ ଚଳିତ ମାସ ୩ତାରିଖରେ ରେଞ୍ଜ ଅଫିସରେ ତାଲା ପକାଇ ଦାବି ପୂରଣ ନ ହେଲେ ଶ୍ରମିକମାନେ ରାସ୍ତା ଅବରୋଧ ଚେତାବନୀ ଦେଇଥିଲେ। ତେବେ ବୁଧବାର ଜିଲା ସାଧାରଣ ସମ୍ପାଦକ ଶଙ୍କର୍ଷଣ ପରିଡାଙ୍କ ନେତୃତ୍ୱରେ ଜାତୀୟ ରାଜପଥକୁ ୪ଘଣ୍ଟା ପାଖାପାଖି ଅବରୋଧ କରିଥିଲେ। ଏହା ପରେ ବ୍ଲକ ପ୍ରଶାସନ ଓ ପୋଲିସ ବିଭାଗ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ପରେ ଆନ୍ଦୋଳନକୁ ସ୍ଥଗିତ କରାଯାଇଥିଲା।


ଆନ୍ଦୋଳନକାରୀମାନେ ରାସ୍ତା ଅବରୋଧ କରି ଧାରଣାରେ ବସିଛନ୍ତି।

## ୫ଲକ୍ଷ ଟଙ୍କାର ମଦ ଜବତ, ୭ ଗିରଫ

**ଆନନ୍ଦପୁର, ୧୧।୩(ସ୍ୱ.ପ୍ର.)**

ହୋଲିରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ କରାଯାଇ ଚୋରା ମଦ ବ୍ୟବସାୟୀଙ୍କ ଘରେ ଏବଂ ମଦ ବିକ୍ରି ସ୍ଥାନରେ ଚଢାଉ କରାଯାଇଛି। ରାମଚନ୍ଦ୍ରପୁର ଥାନା ଏସ୍‌ଆଇ ବିଶ୍ୱଜିତ୍ ବେହେରାଙ୍କ ନେତୃତ୍ୱରେ ଗୋଟିଏ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ସୋମବାର, ମଙ୍ଗଳବାର ଚଢାଉ କରାଯାଇଥିଲା। ଆନନ୍ଦପୁର ଥାନା ଶାଳବଣି ଛକଠାରେ ଚଢାଉ କରାଯିବା ସହିତ ସ୍ଥାନୀୟ ଏକ ଘରୁ ୩ଲକ୍ଷ ୫୦ହଜାର ଟଙ୍କାର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ନନ୍ଦିପଦା ଥାନା ବାହିରପୁର ଗ୍ରାମରେ ମଧ ଚଢାଉ କରାଯାଇଥିଲା। ଚଢାଉରେ ୬ ପେଟି ବିଦେଶୀ ମଦ ଓ ୫୦ ଲିଟର ଦେଶୀମଦ ଜବତ କରାଯାଇ ବିକାଶ ଯେନା ନାମକ ଚୋରା ମଦ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ବେଆଇନ ମଦ ବିକ୍ରି ଅଭିଯୋଗରେ ପୋଲିସ ଫକୀରପୁର ଗ୍ରାମର କୀର୍ତ୍ତନ


ବିପୁଳ ପରିମାଣର ମଦ ଜବତ।

**ହୋଲିରେ ପୋଲିସର ଚଢାଉ**

ଯେନା, ଅଭିମନ୍ୟୁ ଯେନା, ଶାଳବଣି ଗ୍ରାମର ବ୍ରହ୍ମାନନ୍ଦ ବାରିକ, ଭିକାରୀ ଦାସଙ୍କୁ ଗିରଫ କରାଯାଇଥିବା ପୋଲିସେ ସୂଚନା ଦେଇଛି। ସେହିଭଳି ମଙ୍ଗଳବାର ଚଢାଉରେ ବିରଡିହା ଗ୍ରାମର କ୍ଷୀରୋଦ କୁମାର ସାହୁ, ବଳଦୁଆଁ ଗ୍ରାମର କାର୍ତ୍ତିକ ସାହୁଙ୍କ ଗିରଫ କରାଯାଇ ଦୁଇ ପୃଥକ ମାମଲା ରୁଜୁ କରାଯାଇଛି। ଦୁଇ ଦିନ ଧରି ଏହି ଚଢାଉରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ମଦ ଜବତ କରାଯାଇଥିବା ସୂଚନା ମିଳିଛି।

## ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

**ଜବରଦଖଲରେ ଖେଳପଡିଆ**

**ଆନନ୍ଦପୁର, ୧୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ଥାନା ଅଧୀନ ଖଡିକାଶୂଳ ବାହାଲୀ ଗ୍ରାମରେ ଥିବା ସର୍ବସାଧାରଣଙ୍କ ଖେଳ ପଡିଆକୁ ଜଣେ ବ୍ୟକ୍ତି ଜବରଦଖଲ କରି ଘର କରିବା ନେଇ ଗ୍ରାମବାସୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସମ୍ପୃକ୍ତ ଗ୍ରାମର ୯୦ ପ୍ରତିଶତ ଲୋକଙ୍କର ନିଜସ୍ୱ ଜାଗା ନ ଥିବା ବେଳେ ସରକାରୀ ସ୍ତରରେ ୪ ଡିସମିଲି ପଟ୍ଟା ଜାଗା ପ୍ରଦାନ କରାଯାଇଛି। ତେବେ ଗ୍ରାମର ଜଣେ ବ୍ୟକ୍ତି ସରକାରୀ ପଟ୍ଟା ପାଇ ନିଜସ୍ୱ ଘର କରିଥିଲେ ସୁଦ୍ଧା ଜବରଦସ୍ତ ଖେଳପଡିଆର କିଛି ଅଂଶରେ ଘର ତିଆରି ସାମଗ୍ରୀ ପକାଇ ସୋମବାର ଘର ତିଆରି କରିବାକୁ ଉଦ୍ୟମ କରିଥିଲେ। ଏହି ଘଟଣାରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ରାମଚନ୍ଦ୍ରପୁର ପୋଲିସ ପହଞ୍ଚି କେତେକ ବ୍ୟକ୍ତିଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚୁରା କରିଥିବା ଜଣାପଡିଛି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରି ଘର କରୁଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଗ୍ରାମର ବହୁ ସଂଖ୍ୟାରେ ପୁରୁଷ ଓ ମହିଳା ଥାନାରେ ପହଞ୍ଚିଥିଲେ। ପୋଲିସ ଘର କରୁଥିବା ଲୋକ ଏବଂ ଅଟକ ରହିଥିବା ଲୋକଙ୍କର ପଟ୍ଟା ମଗାଇ ଯାଞ୍ଚ କରିବା ସହିତ ସ୍ଥାନୀୟ ଆରଆଇଙ୍କ ସହିତ ଯୋଗାଯୋଗ କରିଥିଲେ। ସୋମବାର ଛୁଟି ଓ ହୋଲି ଛୁଟି ଖୋଲିବା ପରେ ଘସିପୁରା ତହସିଲଦାର ଏବଂ ଆରଆଇଙ୍କ ଉପସ୍ଥିତରେ ଜାଗା ମାପଚୁପ କରାଯାଇ ଚିହ୍ନଟ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଲୋକମାନେ ଘରକୁ ଫେରିଥିଲେ।

# ଜୈବିକ ସାର ପ୍ରସ୍ତୁତକରି କରନ୍ତି ଚାଷ

- ସୁସ୍ଥ ଓ ନୀରୋଗ ସମାଜ ଗଠନ ଗୋବିନ୍ଦଙ୍କ ଲକ୍ଷ୍ୟ
- ଢିଙ୍କିକୁଟା ଚାଉଳର ରହିଛି ଚାହିଦା

**ବଉଳା, ୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ଢ଼େଙ୍କା ପଞ୍ଚାୟତର ଡେଙ୍ଗାଚୁଆ ଗ୍ରାମର ଆଦିବାସୀ ଯୁବକ ଗୋବିନ୍ଦ ମାଝୀ ଜୈବିକ ସାର ପ୍ରସ୍ତୁତ କରି ତାକୁ ପ୍ରୟୋଗ କରି ଚାଷ ଆରମ୍ଭ କରିଛନ୍ତି। ଦେଶୀ ଧାନରେ ଢ଼ିଙ୍କି କୁଟା ଚାଉଳ ପ୍ରସ୍ତୁତ କରି ନିରୋଗ ସ୍ୱାସ୍ଥ୍ୟ ପାଇଁ ପ୍ରୟାସ ଚାଷୀ ଓ ସରକାରଙ୍କ ପାଇଁ ଉଦାହରଣ ପାଲଟିଥିବା ନେଇ ଚର୍ଚ୍ଚା ଜୋର ଧରିଛି। ଆଦିବାସୀ ଯୁବକ ଜଣଙ୍କ ୟୁଟ୍ୟୁବ ଏବଂ ଚାଷ ସମ୍ପର୍କିତ ଖବର ଟିଭି ଚ୍ୟାନେଲରେ ଦେଖି ଜୈବିକ ସାର ପ୍ରସ୍ତୁତ ପାଇଁ ମନ ବଳାଇଥିଲେ। ଧିରେଧିରେ ଜଙ୍ଗଲରୁ ବିଭିନ୍ନ ଔଷଧୀୟ ପତ୍ର ସାଙ୍ଗକୁ ଗାଈର ଗୋବର ଓ ଗୋମୂତ୍ରକୁ ପାଥେୟ କରି ଜୈବିକ ସାର ପ୍ରସ୍ତୁତ କରିଥିଲେ। ଏହି ସାର ପ୍ରୟୋଗ କରି ବିନା ସାର ବିଷରେ ପରିବା ଚାଷ ଆରମ୍ଭ କରିଥିଲେ।

ଏହାକୁ ନେଇ ସେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଥିବା ବେଳେ ଲୋକମାନଙ୍କର ସେହି ପରିବା ପ୍ରତି ଆଗ୍ରହ ବୃଦ୍ଧି ପାଇଥିଲା। ଅଧିକ ଦରରେ ବିକ୍ରି କରିଥିଲେ ମଧ ଲୋକମାନେ ଖୁସିରେ ତାଙ୍କ ବାଡ଼ିରୁ ପରିବା କିଣି ନେଇଯାଉଛନ୍ତି। ଏବେ ସେ ଧାନଚାଷ ୧୦ ଏକରରୁ ଉର୍ଦ୍ଧ୍ୱ ଜମିରେ କରିଛନ୍ତି। ଏହି ଜମିରେ ସେ କୌଣସି ପ୍ରକାର ରାସାୟନିକ ସାର ପ୍ରାୟାଗ କରିନାହାନ୍ତି। ନିଜେ ପ୍ରସ୍ତୁତ କରିଥିବା ଜୈବିକ ସାର ମାଧ୍ୟମରେ


ଗୋବିନ୍ଦ ଢିଙ୍କି କୁଟି ଚାଉଳ ପ୍ରସ୍ତୁତ କରୁଛନ୍ତି।

ସେ ଚାଷ କରିଛନ୍ତି। ରାସାୟନିକ ସାର ପ୍ରୟୋଗ ଦ୍ୱାରା ୨୫ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଧାନ ଉତ୍ପାଦନ କରାଯାଇ ପାରୁଥିବା ବେଳେ ଗୋବିନ୍ଦ ଜୈବିକ ସାର ପ୍ରୟୋଗ କରି ଏକର ପିଛା ୧୦ କୁଇଣ୍ଟାଲରୁ ୧୨ କୁଇଣ୍ଟାଲ ଧାନ ଉତ୍ପାଦନ କରିଥାନ୍ତି। ଏଥିମଧ୍ୟରୁ ସେ ଢିଙ୍କି କୁଟା ଦେଶୀ ଚାଉଳ ପ୍ରସ୍ତୁତ କରନ୍ତି। ଏଥିଏଲାଗି ତାଙ୍କ ସ୍ତ୍ରୀ, ଭଉଣୀ ତାଙ୍କୁ ସାହାଯ୍ୟ କରନ୍ତି। ଧାନକୁ ୩ ଥର କୁଟିବା ପରେ ଚାଉଳ ପ୍ରସ୍ତୁତ ହୋଇଥାଏ। ୩ ଜଣ ଏଥିରେ ସାମିଲ ହୋଇ ଦିନକୁ ପ୍ରାୟ ୨୫ରୁ ୩୦ କିଲୋ ଚାଉଳ ପ୍ରସ୍ତୁତ କରିଥାନ୍ତି। ଏହି ଚାଉଳ ଖାଇଲେ ବିଭିନ୍ନ ରୋଗ କମିବା ସହିତ ପ୍ରତିଶେଧକ କ୍ଷମତା ବୃଦ୍ଧି ପାଇବା ସହିତ ଡାଇବେଟିସ ନିୟନ୍ତ୍ରଣକୁ ଆସିବ ବୋଲି ସେ କହିଛନ୍ତି। ଉକ୍ତ ଚାଉଳକୁ ଶହେ ଟଙ୍କାରେ ବିକିଲେ ମଧ ଲୋକମାନେ ନେବାକୁ ଖୁସି ମଣୁଛନ୍ତି। ଥରେ ଯିଏ ନେଉଛି ପୁନର୍ବାର ସେହି ଚାଉଳ ନେବା ପାଇଁ ଅର୍ଡ଼ର ଦେଉଛନ୍ତି। ଏଭଳି ଜୈବିକ ସାର ମାଧ୍ୟମରେ ଚାଷ କରି ସୁସ୍ଥ ରହିବା ସହିତ ଅନ୍ୟକୁ ସୁସ୍ଥ ରଖିବା ପାଇଁ ସେ ପ୍ରୟାସ ଜାରି ରଖିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଧ୍ୟାନ ଦେବା ସହିତ ସଚେତନତା ସୃଷ୍ଟି କରିବା ନିହାତି ଜରୁରୀ ବୋଲି ସେ କହିଛନ୍ତି। ଗୋବିନ୍ଦ ୨୦୧୧ରେ ବ୍ଲକ ସ୍ତରରେ କୃଷି ବିଭାଗ ପକ୍ଷରୁ ପୁରସ୍କୃତ ହୋଇଥିବା ବେଳେ ୨୦୧୨ରେ ଜିଲା ସ୍ତରରେ କୃଷି ବିଭାଗ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ୨୦୧୩ରେ ରାଜ୍ୟସ୍ତରୀୟ ଚାଷୀ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ନିକଟରୁ ପୁରସ୍କୃତ ହୋଇଥିଲେ। ଜୈବିକ ସାର ପଦ୍ଧତିରେ ଚାଷ କରି ଅନ୍ୟ ପାଇଁ ଏକ ଉଦାହରଣ ପାଲଟିଛନ୍ତି। ଜଣେ ଆଦିବାସୀ ଯୁବକ ରାସାୟନିକ ସାର ପ୍ରଣାଳୀକୁ ବନ୍ଦ କରି ଜୈବିକ ସାର ପଦ୍ଧତିକୁ ଆପଣେଇବା ସହିତ ସୁସ୍ଥ ସମାଜ ଓ ନିରୋଗ ସମାଜ ଗଠନ ପାଇଁ ପ୍ରୟାସ ଅନ୍ୟମାନଙ୍କ ପାଇଁ ଏକ ଉଦାହରଣ ବୋଲି ଏ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଏଭଳି ଉଦୀୟମାନ ଯୁବକ ଚାଷୀଙ୍କୁ ସରକାର ପ୍ରୋତ୍ସାହନ ଯୋଗାଇ ଦେବା ସହିତ ଅନ୍ୟ ଚାଷୀ ମାନଙ୍କୁ ସଚେତନତା ଓ ଆକୃଷ୍ଟ ପାଇଁ ଏହାକୁ ମାଧ୍ୟମ କରାଯିବ ବୋଲି ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଓ ବରିଷ୍ଠ ଚାଷୀ ମାନେ ମତ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଡିଇଓ କମଳଲୋଚନ ନାୟକଙ୍କୁ ପଚାରିବାରୁ ସେ ଜଣେ ଭଲ ଚାଷୀ ଏବେ ସେ ଜୈବିକ ସାର ମାଧ୍ୟମରେ ଚାଷ କରି ଚାଷ କ୍ଷେତ୍ରରେ ନୂଆ ଅଧ୍ୟାୟ ସୃଷ୍ଟି କରିଛନ୍ତି। ତାଙ୍କୁ ପ୍ରଶାସନ ପକ୍ଷରୁ ସହଯୋଗ କରାଯାଇଥିବା ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ମାର୍ଚ୍ଚ ୧୨/୨୦୨୦ Balasore, Thursday, March 12/2020

**ସଂକ୍ଷେପରେ**

## ଜମ୍ବୀରା ଡ୍ୟାମ୍‌ରେ ଜୀବନ ଗଲା

**ବାରିପଦା ଅଫିସ, ୧୧।୩:** ମଙ୍ଗଳବାର ସମସ୍ତେ ହୋଲି ଖେଳରେ ବ୍ୟସ୍ତ ଥିବା ବେଳେ ମୟୂରଭଞ୍ଜ ଜିଲା ବାରିପଦାରେ ଏକ ଦୁଃଖଦ ଘଟଣା ଘଟିଛି। ନଦୀରେ ଭାସି ଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାରିପଦା ସହର କାଳିମନ୍ଦିର ସାହିର ଶିବୁନ ମହାନ୍ତି। ଶିବୁନ ସାଙ୍ଗମାନଙ୍କ ସହିତ ହୋଲି ଖେଳି ସାରିବା ପରେ ଅପରାହ୍ନ ୧ଟା ସମୟରେ ଜମ୍ବୀରା ଡ୍ୟାମ୍‌ରେ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ପ୍ରବଳ ସୁଅ ଆସିବାରୁ ଶିବୁନଙ୍କ ସହ ଅନ୍ୟ ଜଣେ ସାଙ୍ଗ ଭାସି ଯାଇଥିଲେ। କିଛି ସମୟ ପରେ ସ୍ଥାନୀୟ ଲୋକ ଦୁଇ ବନ୍ଧୁଙ୍କୁ ଡ୍ୟାମ୍‌ରୁ ଅଚେତ ଅବସ୍ଥାରେ ଉଦ୍ଧାର କରିଥିଲେ। ଜଣଙ୍କ ଚେତା ଫେରିଥିବା ବେଳେ ଶିବୁନ୍‌ଙ୍କୁ ବାରିପଦା ପିଆରଏମ୍ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ।

## ଯୁବକଙ୍କୁ ପିଟିପିଟି ହତ୍ୟା: ୪ ଗିରଫ

**ବାସୁଦେବପୁର, ୧୧।୩ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ନୂଆଗାଁ ଗ୍ରାମରେ ଦୁଇ ପରିବାର ମଧ୍ୟରେ କଳହ ଘଟଣାକୁ କେନ୍ଦ୍ରକରି ସୋମବାର ଅପରାହ୍ନରେ ୬/୭ ଜଣ ବ୍ୟକ୍ତି ପିଟି ପିଟି ନିରଞ୍ଜନ ମଲିକ ନାମକ ଜଣେ ଯୁବକଙ୍କୁ ହତ୍ୟା କରିଥିଲେ। ମୃତ ନିରଞ୍ଜନଙ୍କ ଘର ନୂଆଗାଁ ମଲିକସାହି ବସ୍ତିରେ। ଏହି ଘଟଣାରେ ବାସୁଦେବପୁର ପୋଲିସ ୪ ଆକ୍ରମଣକାରୀଙ୍କୁ ମଙ୍ଗଳବାର ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ନୂଆଗାଁ ଆଡ଼ିଆ ଗ୍ରାମର ସଦାନନ୍ଦ ମଲିକ, ଜଳିଆ ମଲିକ, ଜଗନ୍ନାଥପୁରର ମାନସ ମଲିକ ଓ ସୁକାନ୍ତ ମଲିକ। ଏହି ସଂଘବଦ୍ଧ ଆକ୍ରମଣରେ ନିରଞ୍ଜନଙ୍କ ପୁଅ ମନୋରଞ୍ଜନ ଓ ସ୍ତ୍ରୀ ମଞ୍ଜୁଲତା ମଧ୍ୟ ଆହତ ହୋଇଛନ୍ତି। ମନୋରଞ୍ଜନଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ଏକ ମାମଲା(ନଂ.୫୦/୨୦) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ମୃତ ନିରଞ୍ଜନଙ୍କ ପରିବାର ଓ ତାଙ୍କ ପଡ଼ୋଶୀ ସଦାନନ୍ଦଙ୍କ ପରିବାର ମଧ୍ୟରେ ପୂର୍ବରୁ ବିବାଦ ଥିଲା। ଦୋଳପୂର୍ଣ୍ଣିମା ସୋମବାର ଅପରାହ୍ନରେ ସଦାନନ୍ଦଙ୍କ ପରିବାର ଓ ତାଙ୍କର କେତେଜଣ ସମ୍ପର୍କୀୟ ସଂଘବଦ୍ଧ ଭାବେ ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ସଂଜ୍ଞାହୀନ ଅବସ୍ଥାରେ ନିରଞ୍ଜନଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ୨ ଅଧିକାରୀଙ୍କ ସମେତ ୭ ପୋଲିସ ଗୁରୁତର

**ବାହାନଗା, ୧୧।୩ (ଡି.ଏନ.ଏ.)**



ଆହତ ଦୁଇ ପୋଲିସ ଅଧିକାରୀ ।

**ମଦ ଦୋକାନ ଆଗରେ ଗଣ୍ଡଗୋଳରୁ ଅଣାୟତ ସ୍ଥିତି**

- ଖନ୍ତାପଡ଼ା ଥାନାରେ ଦୁଇଟି ମାମଲା ରୁଜୁ
- ଫେରାର ଅଭିଯୁକ୍ତଙ୍କୁ ଧରିବା ଲାଗି ତନାଘନା

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁରଠାରେ ଥିବା ଏକ ସରକାରୀ ମଦ ଦୋକାନ ଆଗରେ ମଙ୍ଗଳବାର ଅପରାହ୍ନରେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ପରିସ୍ଥିତି ଅଣାୟତ ହୋଇପଡିଥିଲା। ରଙ୍ଗର ଉତ୍ସବ ହୋଲି ପାଳନ ବେଳେ ଏଭଳି ସଂଘର୍ଷ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଗୋପାଳପୁର ଫାଣ୍ଡି ପୋଲିସ ପହଞ୍ଚି ଦୁଇଗୋଷ୍ଠୀଙ୍କୁ ବୁଝାଶୁଝା କରିବାକୁ ଉଦ୍ୟମ କରିବା ବେଳେ ଗୋଟିଏ ଗୋଷ୍ଠୀର ପ୍ରାୟ କେତକ ଯୁବକ ମାରଣାସ୍ତ୍ର ଓ ଠେଙ୍ଗାରେ ପାଲଟା ଆକ୍ରମଣ କରିଥିଲେ। ଏଥିରେ ଗୋପାଳପୁର ଫାଣ୍ଡି ଏସ୍‌ଆଇ ବଂଶୀଧର ପ୍ରଧାନ, ଏଏସ୍‌ଆଇ କ୍ରିଷ୍ଟା ପିଙ୍ଗୁଆ ଓ ୫ଜଣ କନଷ୍ଟେବଲ ଗୁରୁତର ଆହତ ହୋଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବାଲେଶଶ୍ୱର ସଦର ଏସ୍‌ଡିପିଓ ପ୍ରଭାସ ପାଲ, ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଖନ୍ତାପଡା ଥାନା ଅଧିକାରୀ ସଞ୍ଜୟ କୁମାର ପରିଡା, ଶେରଗଡ ଫାଣ୍ଡି ଅଧିକାରୀ ପ୍ରକାଶ ଗୋସ୍ୱାମୀ ପ୍ରମୁଖ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ୩ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି।

ପୋଲିସ ସୂଚନା ଅନୁଯାୟୀ, ଗୋପାଳପୁର ବଜାରର ପାଇକାସ୍ତା ମୌଜାରେ ଥିବା ସରକାରୀ ମଦ ଦୋକନ ହୋଲି ଲାଗି ବନ୍ଦ ଥିବାରୁ କେତେକ ଲୋକ ପହଞ୍ଚି ମଦ କିଣିବାକୁ ଚାହିଁଥିଲେ। ଏହାକୁ ଅନ୍ୟମାନେ ବିରୋଧ କରିବାରୁ ଦୁଇଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟଇଥିଲା। ଖବର ପାଇ ସ୍ଥାନୀୟ ଫାଣ୍ଡି ପୋଲିସ୍ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ଘଉଡାଇ ଦେଇଥିଲା। ଉଭୟ ପକ୍ଷରୁ ୩ ଜଣଙ୍କୁ ଖନ୍ତାପଡା ଥାନାକୁ ଥାନାକୁ ଧରି ନିଆଯାଇଥିଲା। ଏହାର କିଛି ସମୟପରେ ଗୋଟିଏ ଗୋଷ୍ଠୀର କେତେକ ଯୁବକ ଘରୁ ମାରଣାସ୍ତ୍ର ଧରି ପୁର୍ନ୍ନବାର ମଦଦୋକାନ ନିକଟକୁ ଆସିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ଥିବା ୪ଜଣ କନଷ୍ଟେବଲଙ୍କୁ ସେମାନେ ସେଠାରେ ଆକ୍ରମଣ କରିବା ସମୟରେ ଖନ୍ତାପଡା ଥାନା ଓ ଗୋପାଳପୁର ଫାଣ୍ଡି ପୋଲିସ୍ ପହଞ୍ଚିଯାଇଥିଲେ । ଏହି ସମୟରେ ଯୁବକମାନେ ମାରଣାସ୍ତ୍ର ଦ୍ୱାରା ପୋଲିସକୁ ଆକ୍ରମଣ କରିଥିଲେ । ପୋଲିସ ଏକପ୍ରକାର ଅସହାୟ ହୋଇପଡିଥିଲା।

ଏଭଳି ଆକ୍ରମଣ ଘଟଣା ନେଇ ପୋଲିସ ଅଭିଯୁକ୍ତଙ୍କ ଉପରେ ଏକ ମାମଲା ରୁଜୁ ହୋଇଛି । ସରକାରୀ ମଦ ଦୋକାନର ମାଲିକଙ୍କ ଅଭିଯୋଗ କ୍ରମେ ପୋଲିସ ଆଉ ଏକ ମାମଲା (ନଂ. ୯୧/୨୦୨୦) ରୁଜୁ କରିଛି । ଜଣେ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ କେତେଜଣଙ୍କ ନାଁରେ ଭାରତୀୟ ପିଙ୍ଗଳକୋର୍ଡ ଧାରା ୧୪୭, ୧୪୮, ୩୫୩, ୩୩୨, ୩୦୭, ୨୯୪, ୧୪୯, ୩୪ ଦଫାରେ ମାମଲା ରୁଜୁହୋଇଥିବା ପୋଲିସ କହିଛି। ଫେରାର ଅଭିଯୁକ୍ତଙ୍କୁ ଧରିବାକୁ ତଲାସୀ ଜାରି ରଖିଛି।

## ରୋଗୀ ମୃତ୍ୟୁକୁ ନେଇ ଉତ୍ତେଜନା



ମୃତକଙ୍କ ପରିବାର ଲୋକଙ୍କୁ ପୋଲିସ ବୁଝାସୁଝା କରୁଛି।

**ବାରିପଦା ଅଫିସ,୧୧।୩ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ପିଆରଏମ୍ ମେଡିକାଲରେ ଭୁଲ ଚିକିତ୍ସା ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକଙ୍କ ସମ୍ପର୍କୀୟମାନେ ଏହାର ପ୍ରତିବାଦରେ ମେଡିକାଲ ପରିସରରେ ଭଙ୍ଗାରୁଜା କରିଥିଲେ। ଏହାକୁ ନେଇ ଉତ୍ତେଜନା ଦେଖାଦେଇଥିଲା। ମୃତକ ହେଲେ ବାରିପଦା ସହର ପୁରୁଣାହାଟ ସାହିର ମମତା ବିଶ୍ୱାଳ।

ପିଆରଏମ ମେଡିକାଲର ମହିଳା ମେଡିସିନ ବିଭାଗରେ ମମତା ୬ଦିନ ହେବ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ମଧ୍ୟାହ୍ନ ୧୨ଟା ବେଳେ ମମତା ଅଧିକ ଅସୁସ୍ଥ ହୋଇପଡିବାରୁ ତାଙ୍କ ପରିବାର ଲୋକେ ତୁରନ୍ତ ଡ୍ୟୁଟିରେ ଥିବା ଡାକ୍ତର ଏବଂ ନର୍ସଙ୍କୁ ଡାକିଥିଲେ। ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ତାଙ୍କୁ ଚିକିତ୍ସା କରାଯିବାରେ ବିଳମ୍ବ କରାଯାଇଥିଲା। ବହୁ କାକୁତି ମିନତି ହେବା ପରେ ଡାକ୍ତର ଆସି ତରବରିଆ ଭାବେ ରୋଗୀଙ୍କୁ ଏକ ଇଞ୍ଜେକଶନ ଦେଇଥିଲେ। ସେ ଇଞ୍ଜେକ୍ସନ ଦେବା ପରେ ରୋଗୀ ଯନ୍ତ୍ରଣାରେ ଛଟପଟ ହୋଇ ମୃତ୍ୟୁବରଣ କରିଥିଲେ। ଯାହାକୁ ନେଇ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବାରିପଦା ଟାଉନଥାନା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ତଦନ୍ତ ଆରମ୍ଭ କରିଛି।

# ବିଲରୁ ଯୁବକଙ୍କ ମୃତଦେହ ଉଦ୍ଧାର



ମୃତଦେହ ନିକଟରେ ଗ୍ରାମବାସୀ।

**ହତ୍ୟା ସନ୍ଦେହରେ ଭାଉଜ ଓ ତାଙ୍କ ନାବାଳକ ପୁଅ ଅଟକ**

**ବାଲେଶ୍ୱର ଅଫିସ, ୧୧।୩:** ବାଲେଶ୍ୱର ସଦର ଥାନା ଅଧୀନ ସିନ୍ଧିଆ ପଞ୍ଚାୟତର ଆଙ୍ଗୁଳା ଗ୍ରାମ ନିକଟସ୍ଥ ବିଲରୁ କାଳନ୍ଦୀ ଚରଣ ସିଂ (୩୫)ନାମକ ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଚଳାଇଛି। ସ୍ଥାନୀୟ ଗ୍ରାମବାସୀ ସକାଳେ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ମୃତକଙ୍କ ସମ୍ପର୍କୀୟ ଭାଉଜ ଏବଂ ନାବାଳକ ପୁଅକୁ ପୋଲିସ ଅଟକ ରଖିଛି। ମୃତକଙ୍କ ମୁଣ୍ଡରେ କ୍ଷତଚିହ୍ନ ରହିଛି। ତାଙ୍କର ଅନ୍ୟ ଜଣେ ପୁତୁରା ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଘଟଣା ସମ୍ପର୍କରେ ସଦର ଥାନାଧିକାରୀ କ୍ଷମାସାଗର ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ପାରିବାରିକ କଳହକୁ ନେଇ ହତ୍ୟାକାଣ୍ଡ ହୋଇଥିବା ସନ୍ଦେହ କରାଯାଉଛି। ତଦନ୍ତ ସାଙ୍ଗକୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡ଼ିବ । ଗ୍ରାମବାସୀଙ୍କ କହିବା ଅନୁଯାୟୀ ମୃତ କାଳନ୍ଦୀଙ୍କ ବଡ଼ଭାଇ ୬ବର୍ଷ ପୂର୍ବରୁ ଅନ୍ୟତ୍ର ବିବାହ କରି ରହିଆସୁଛନ୍ତି। କାଳନ୍ଦୀ ଘରେ ତାଙ୍କ ଭାଉଜ ଓ ନାବାଳକ ପୁତୁରାଙ୍କର ଦାୟିତ୍ୱ ନେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ କାଳନ୍ଦୀ ଘରକୁ ଫେରି ଭାଉଜଙ୍କ ସହ ଗଣ୍ଡଗୋଳ କରି କୁଆଡେ ମାରପିଟ୍ କରିଥିଲେ। ଏହାର ପ୍ରତିବାଦ କରିଥିଲେ ଭାଉଜ ଓ ନାବାଳକ ପୁତୁରା। ବୁଧବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ବିଲରେ କାଳନ୍ଦୀଙ୍କ ମୃତଦେହ ମିଳିବା ଘଟଣାକୁ ରହସ୍ୟାଚ୍ଛନ୍ନ କରିଥିଲା। ତେବେ କାଳନ୍ଦୀଙ୍କ ଅନ୍ୟ ଜଣେ ପୁତୁରା କାର୍ତ୍ତିକ ସିଂ ଏହା ହତ୍ୟା ଘଟଣା ବୋଲି ସଦର ଥାନାରେ ଲିଖିତ ଅଭିଯୋଗ କରିବା ପରେ ଘଟଣା ଭିନ୍ନ ମୋଡ ନେଇଛି। ଏନେଇ ସଦର ଥାନା ପୋଲିସ ଏକ ମାମଲା (ନଂ. ୭୦/୨୦) ରୁଜୁ କରିଥିବା କହିଛି।

# ଦେବଗିରି ବୁଦ୍ଧବିହାର ବିକାଶ ପରିଷଦ ଗଠିତ



ଦେବଗିରି ବୁଦ୍ଧ ବିହାର ବିକାଶ ପରିଷଦର ବୈଠକରେ ଉପସ୍ଥିତ ଲୋକେ ।

**ଔପଦା,୧୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଔପଦା ବ୍ଲକ ବଡ଼ଗୋପଖରୀ ପଞ୍ଚାୟତର ଦେବଗିରି ପର୍ବତମାଳା ପାଦଦେଶରେ ଅବସ୍ଥିତ ଚମ୍ପାଗଡ଼ ଠାରେ ଗତ ୧୦ ତାରିଖ ମଧ୍ୟାହ୍ନରେ ଦେବଗିରି ବିକାଶ ପରିଷଦ ଗଠନ ଲାଗି ଏକ ସାଧାରଣ ବୈଠକ ବସିଥିଲା। ବିଶିଷ୍ଟ ସାମାଜିକ କର୍ମୀ ବ୍ରଜକିଶୋର ମଲ୍ଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରାୟ ଶତାଧିକ ଲୋକ ଯୋଗଦେଇ ଥିଲେ। ଦେବଗିରି ବୁଦ୍ଧ ସଂସ୍କୃତିର ବିଶିଷ୍ଟ ଗବେଷକ ସାହିତ୍ୟିକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଇତିହାସର ଅନାଲୋଚିତ ଅଧ୍ୟାୟ ଉପରେ ଆଲୋକପାତ କରି ବୌଦ୍ଧ କୀର୍ତ୍ତିରାଜିର ପୁନଃଉଦ୍ଧାର ଓ ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏ ସମ୍ପର୍କରେ ବାଲେଶ୍ୱର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କୁ ଯୋଗାଯୋଗ କରିବା ପାଇଁ ଆଲୋଚନା ହୋଇଥିଲା। ଶେଷରେ ଦେବଗିରି ବୁଦ୍ଧ ବିହାର ବିକାଶ ପରିଷଦ ନାମରେ ଏକ କମିଟି ଗଠନ କରାଯାଇଥିଲା। ଗବେଷକ ନାୟକ ଏହି କମିଟିର ମୁଖ୍ୟ ଉପଦେଷ୍ଟା ଥିବାବେଳେ ସମାଜିକ କର୍ମୀ ମଲ୍ଲିକ ସଂଯୋଜକ ଅଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ଦାଶମହାପାତ୍ର, ଆଇନଜୀବୀ ଅନ୍ତର୍ଯ୍ୟାମୀ ସାହୁ, ସାମାଜିକ କର୍ମୀ ବନମାଳୀ ପାମୀ, ଦିବାକର ବେହେରା, ଗୟାଧର ରାଉତ, ମହେଶ୍ୱର ରାଉତ, ଅନ୍ତର୍ଯ୍ୟାମୀ ପାଢ଼ୀ, ମହେନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ବୁଗୁଡ଼େଇ, ଅନିରୁଦ୍ଧ ବେହେରା ପ୍ରମୁଖ କମିଟିର ସଭ୍ୟ ଭାବେ ସ୍ଥାନ ପାଇଛନ୍ତି। କମିଟି ତରଫରୁ ଚମ୍ପାଗଡ଼ସ୍ଥିତ ଉଜୁଡ଼ା ଐତିହ୍ୟର ଉଦ୍ଧାର ସହ ଏହାର ସାମଗ୍ରିକ ବିକାଶ ତଥା ଏହାକୁ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପ୍ରଦାନ ପାଇଁ ରାଜ୍ୟ ଓ କେନ୍ଦ୍ରସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ମୁଖ୍ୟ ଉପଦେଷ୍ଟା ଓ ସଂଯୋଜକ ପ୍ରକାଶ କରିଛନ୍ତି।









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ଯୁବକ ମୃତ

**ଢେଙ୍କିକୋଟ, ୧୧।୩(ଡି.ଏନ୍.ଏ.)**- ଘଟଗାଁ ଥାନା ଅନ୍ତର୍ଗତ ବାଲିପୋଖରୀ ଗ୍ରାମ ପଞ୍ଚାୟତ ଶଗଡ଼ପଟା ଗ୍ରାମରେ ଗତ ମଙ୍ଗଳବାର ରାତିରେ ଏକ ଟ୍ରେନ୍ ଧକ୍କାରେ ରୁଦ୍ର ନାରାୟଣ ନାୟକଙ୍କ ମୃତ୍ୟୁ ଘଟିଛି। ଘଟଣାରୁ ଜଣାପଡ଼ିଛି ଯେ, ରୁଦ୍ର ଘର ନିକଟ ଦେଇ ଯାଇଥିବା ଦୈତାରୀ ବାଂଶପାଣି ରେଳ ପଥ ପାର ହୋଇ ଅନ୍ୟ ଏକ ଗ୍ରାମକୁ ଯାଇଥିଲେ। ସେ ଘରକୁ ଫେରିବା ସମୟରେ ଏକ ପାସେଞ୍ଜର ଏକ୍ସପ୍ରେସ ଟ୍ରେନ୍ ଖୁବ୍ ଦ୍ରୁତଗତିରେ ଆସୁଥିଲା। ସେ ଦେଖି ନ ଥିବାରୁ ଟ୍ରେନ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ରେଲ୍‌ୱେ ପୋଲିସ୍ ଫୋର୍ସ କେନ୍ଦୁଝରରୁ ଆସିଥିବାବେଳେ ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସବ୍‌ଇନ୍ସପେକ୍ଟର ରୀନା ସାହୁ ପହଞ୍ଚି ଘଟଣାର ତଦନ୍ତ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗିପାଟଣା ଡାକ୍ତରଖାନା ପଠାଇଛନ୍ତି। ଏନେଇ ଘଟଗାଁ ଥାନାରେ ଏକ ଦୁର୍ଘଟଣା ଜନିତ ମାମଲା ରୁଜୁ ହୋଇଥିବା ଆଇଆଇସି ବନ୍ଦନା ପାତ୍ର କହିଛନ୍ତି। ରୁଦ୍ର ଏକମାତ୍ର ରୋଜଗାରିଆ ପୁଅ ହୋଇଥିବାରୁ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ତରଫରୁ ଦାବି ହେଉଛି।

### ପ୍ରଶ୍ନପତ୍ରରେ ବିଭ୍ରାଟ ଅଭିଯୋଗ

**କେନ୍ଦୁଝର, ୧୧।୩ (ସ୍ୱ.ପ୍ର.)**- କେନ୍ଦୁଝର ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ପ୍ରଶ୍ନପତ୍ରରେ ବିଭ୍ରାଟ ହୋଇଥିବା ଅଭିଯୋଗ ହୋଇଛି। ବୁଧବାର ଗଣିତ ପ୍ରଶ୍ନପତ୍ର ପରୀକ୍ଷା ହେଉଥିବାବେଳେ କେତେକ ଛାତ୍ରଙ୍କ 'ସି' ସେଟ ପ୍ରଶ୍ନପତ୍ର ଭିତରେ 'ଡି' ସେଟ୍‌ର ପ୍ରଶ୍ନପତ୍ର ଆସିଥିବା ନେଇ ଅଭିଯୋଗ ହୋଇଛି। ଏନେଇ ଦୁଇ ଛାତ୍ର ଅଭିଯୋଗ କରିଥିବା ଜଣାପଡିଛି। ତେବେ ପରୀକ୍ଷା ଶେଷ ହେବାର ୧୦ ମିନିଟ ପୂର୍ବରୁ ଉଭୟ ଛାତ୍ର ଅଭିଯୋଗ କରିଥିଲେ। ପ୍ରଶ୍ନପତ୍ର ମିଳିବା ପରେ ଜଣାଇଥିଲେ ପରିବର୍ତ୍ତନ କରାଯାଇପାରିଥାନ୍ତା। ଏଣୁ ସେନେଇ ତାଙ୍କର କୌଣସି ନିଷ୍ପତ୍ତି ନେବା କ୍ଷମତା ନାହିଁ କିମ୍ବା କିଛି କରିପାରିବେ ନାହିଁ। ତେବେ ଏନେଇ ଲିଖିତ ଅଭିଯୋଗ କଲେ ବୋର୍ଡର ପରୀକ୍ଷା ନିୟନ୍ତ୍ରକଙ୍କୁ ଜଣାଇବୁ ବୋଲି ଅଧକ୍ଷ ନରେନ୍ଦ୍ର କୁମାର ସାହୁ କହିଛନ୍ତି।

### ଚୋରା କାଠ, ମେଶିନ ଜବତ

**ବଉଳା/ହାଟଡିହୀ, ୧୧।୩ (ଡି.ଏନ.ଏ.)**- ହାଟଡିହୀ ବ୍ଲକର ଡଅଁର ପଞ୍ଚାୟତର ତୁମ୍ବାବଣୀ ଗ୍ରାମର ବନବିଭାଗ ଓ ପୋଲିସ ଚଢ଼ାଉ କରି ୨ ଲକ୍ଷ ଟଙ୍କାର କାଠ, କାଠକଟା ମେଶିନକୁ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଛି। ସୂଚନାରୁ ଜଣାଯାଇଛି ତୁମ୍ବାବଣୀ ଠାରେ ବେଆଇନ କାଠ ମିଲ ୪ ମାସରୁ ଊର୍ଦ୍ଧ୍ୱ ହେବ ଚାଲୁଥିଲା। ଗତ ମଙ୍ଗଳବାର ରାତିରେ ରାମଚନ୍ଦ୍ରପୁର ଥାନାର ଏସଆଇ ବିଶ୍ୱଜିତ ବେହେରାଙ୍କ ଏକ ଟିମ ସେ ଅଞ୍ଚଳରେ ପାଟ୍ରୋଲିଂ କରିବା ସହ ଅଭିଯୋଗ ଅନୁଯାୟୀ ସେ କାଠ ମିଲରେ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ କିଛି କାଠକୁ ଜବତ କରିଥିବା ବେଳେ କାଠ ମିଲର ମାଲିକ ସାଇବର ଅଲ୍ଲୀଙ୍କୁ ଗିରଫ କରିଥିଲେ।

### ଦୁଇ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ପାଟଣା, ୧୧।୩(ସ୍ୱ. ପ୍ର.)**- କେନ୍ଦୁଝର ଜିଲା ପାଟଣା ବ୍ଲକ ରାଜନଗର ଗ୍ରାମ ଦେଉଳିଆ ସାହିର ଜଣେ ଓ ନୂଆଖମଣ ଡ଼ିପା ସାହିର ଜଣେ ଯୁବକଙ୍କ ସୋମବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ରାଜନଗର ଦେଉଳିଆ ସାହିର ଅକ୍ଷୟ କୁମାର ଦାଶଙ୍କ ପୁଅ ଅର୍ଦ୍ଧେନ୍ଦୁ ଦାଶ ଓ ନୂଆଖମଣ ଡ଼ିପାସାହିର ମୁନା ନାଏକ। ସୂଚନା ଅନୁଯାୟୀ, ଦୁହେଁ ମିଶି କୌଣସି ଏକ ଢ଼ାବାରୁ ଖାଇ ସୋମବାର ବିଳମ୍ବିତ ରାତିରେ ଘରକୁ ଫେରି ବାନ୍ତି କରିବା ପରେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ଅର୍ଦ୍ଧେନ୍ଦୁଙ୍କୁ ସୋମବାର ରାତିରେ ପ୍ରଥମେ ତୁରୁମୁଙ୍ଗା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଉଥିବା ବେଳେ ମୃତ୍ୟୁ ଘଟିଛି। ମୁନା ରାଜନଗର ଅନ୍ଧାରୀ ମନ୍ଦିର ନିକଟରେ ଟଳି ପଡ଼ିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହୋଇଛି। ତୁରୁମୁଙ୍ଗା ଥାନାଧିକାରୀ ବରେନ୍ଦ୍ର ଶିଆଳ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

## ବାପା ଟାଙ୍ଗିଆ ଚୋଟରେ ପୁଅ ମୃତ

**ଢେଙ୍କିକୋଟ, ୧୧।୩(ଡି.ଏନ୍.ଏ.)**

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ସରସପଶି ପଞ୍ଚାୟତ ଗୋବରାବେଢ଼ା ଗ୍ରାମରେ ଗତ ସୋମବାର ରାତି ୮ଟାରେ ଜଣେ ବାପାଙ୍କ ଟାଙ୍ଗିଆ ଚୋଟରେ ପୁଅର ମୃତ୍ୟୁ ଘଟିଛି। ମୃତକ ହେଲେ ମାଧବ ନାୟକ(୩୦)। ଗତ ସୋମବାର ରାତି ୮ଟା ବେଳେ ସେ ପ୍ରଚୁର ମଦ୍ୟପାନ କରି ଘରକୁ ଯାଇଥିଲେ। ଘରେ ପହଞ୍ଚିଲାବେଳେ ତାଙ୍କ ୭ବର୍ଷର ପୁଅ ଭାତ ଖାଉଥିଲା। ପୁଅ ନ ଖାଇବାରୁ ମାଧବ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହା ଦେଖି ମାଧବଙ୍କ ବାପା ଗୋପୀନାଥ ରାଗିଯାଇ ଏକ ଟାଙ୍ଗିଆ ଆଣି ନିଜ ପୁଅ ମାଧବଙ୍କ ବେକକୁ ଚୋଟ ମାରିଥିଲେ। ପରେ ସେ ତଳେ ପଡ଼ିଯିବାରୁ ଲଗାତର ମୁଣ୍ଡକୁ ଚୋଟ ପରେ ଚୋଟ ମାରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା କନଷ୍ଟେବଲ ମାନସ ରଞ୍ଜନ ରାଉତ, ଘଟଗାଁ ଥାନା ଆଇଆଇସି ବନ୍ଦନା ପାତ୍ର ପ୍ରମୁଖ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ପୁତ୍ରହନ୍ତା ପିତାକୁ କାବୁ କରିବା ସହ ମାଧବର ମୃତଦେହ ଜବତ କରିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ବୁଧବାର ପୋଲିସ ଏକ ହତ୍ୟା ମାମଲା (ନଂ. ୩୨/୨୦) ରୁଜୁ କରି ଗୋପୀନାଥଙ୍କ ଡାକ୍ତରୀ ପରୀକ୍ଷା କରାଯିବାସହ ମାଧବଙ୍କ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ପାଟଣା ଡାକ୍ତରଖାନାକୁ ପଠାଯାଇଛି। ଘଟଣା ସମ୍ପର୍କରେ ସବ୍‌ଇନ୍ସପେକ୍ଟର ଅନିଲ କୁମାର ସାମଲ ତଦନ୍ତ ଜାରି ରଖିଛନ୍ତି। ଗୁରୁବାର ପୁତ୍ରହନ୍ତା ପିତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଘଟଗାଁ ଥାନା ସୂତ୍ରରୁ ପ୍ରକାଶ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାର୍ଯ୍ୟା ଆଗରେ ମିଛ କହିବ,**
**ରାଜା ଆଗରେ ସତ କହିବ।**

ସ୍ତ୍ରୀଙ୍କ ଆଗରେ ମିଛ କହିବା ସେତେ ଦୋଷାବହ ହୋଇ ନ ଥାଏ। ପରନ୍ତୁ ମାନ୍ୟଗଣ୍ୟ ତଥା ପୂଜନୀୟ ବ୍ୟକ୍ତିଙ୍କ ଆଗରେ ସର୍ବଦା ସତକଥା ପ୍ରକାଶ କରିବା ହିଁ ଉଚିତ ହୋଇଥାଏ। ଏହା ହିଁ ଶାସ୍ତ୍ର କଥନ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଭାତ ଖୁଆଇଲି କୁକୁରକୁ**
**କୁକୁର ଚଢ଼ିଲା ଉପରକୁ।**

ଛୋଟ ଲୋକର ମୁହଁ ବଢ଼େଇଲେ ସେମାନେ ଖାତିର କରନ୍ତି ନାହିଁ। ବେଖାତିର କରି ଶେଷରେ ଉପରେ ହାକିମି ଦେଖାଇବାକୁ ଚେଷ୍ଟା କରନ୍ତି। ବେଶି ଗେହ୍ଲା କରିବା ଓ ପାଖରେ ପୂରାଇବା ଦ୍ୱାରା ତଥା ସ୍ନେହ ଶ୍ରଦ୍ଧା କରି ପାଖରେ ନିଜର କରି ରଖିବା ଦ୍ୱାରା ଶେଷରେ ନିଜର ସମ୍ମାନ ହାନି ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ବାଇକ୍-ଆମ୍ବୁଲାନ୍ସ ଉଦ୍‌ଘାଟନ

**ଯୋଡ଼ା, ୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ଅନ୍ତର୍ଗତ କାଳିମାଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ବାଇକ ଆମ୍ବୁଲାନ୍ସର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ କାଳିମାଟି ସରପଞ୍ଚ ତ୍ରିବନ ଗାଗରାଇ, ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଲକ୍ଷ୍ମୀକାନ୍ତ ସିଂ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଦେବାଶିଷ ମହାନ୍ତ, କାଳିମାଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଧିକାରୀ ରମଣିରଞ୍ଜନ ପାତ୍ର, ସ୍ୱାସ୍ଥ୍ୟ ପରିଦର୍ଶକ ଅଚ୍ୟୁତାନନ୍ଦ ପାତ୍ର, ଫେକାର ସମ୍ପାଦକ ସୁଶୀଲ କୁମାର ପରିଡ଼ା,ଷ୍ଟାଫନର୍ସ ମଧୁସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ଏହି ବାଇକ ଆମ୍ବୁଲାନ୍ସକୁ ଉଦଘାଟନ କରିଥିଲେ। ଏହା ସ୍ଥାନୀୟ ଅଞ୍ଚଳରେ ମା' ଓ ଶିଶୁ ମୃତ୍ୟୁହାରକୁ ହ୍ରାସ କରିବାରେ ସହାୟକ ହେବା ସହିତ ସୁରକ୍ଷିତ ଭାବେ ଗର୍ଭବତୀ ମା'ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିପାରିବେ ବୋଲି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଡାକ୍ତର ରମଣୀରଞ୍ଜନ ପାତ୍ର ସୂଚନା ଦେଇଛନ୍ତି।



ବାଇକ୍-ଆମ୍ବୁଲାନ୍ସର ଯାତ୍ରା ଆରମ୍ଭ କରାଯାଇଛି।

## ନାବାଳିକାଙ୍କୁ ବଳାତ୍କାର

**ଢେଙ୍କିକୋଟ, ୧୧।୩(ଡି.ଏନ୍.ଏ.)**

ପଣ୍ଡାପଡ଼ା ଥାନା ଅନ୍ତର୍ଗତ ତେନ୍ତୁଳାପଶି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରି ଜଣେ ନାବାଳକ ଅଟକ ଥିବା ଜଣାପଡ଼ିଛି। ନାବାଳିକା ଜଣକ ଗାଁ ରାସ୍ତାରେ ଖେଳୁଥିବାବେଳେ ନାବାଳକ ଜଣକ ଏକ ଟ୍ରାକ୍ଟର ଡାଲା ନିକଟରେ ଥାଇ ତାକୁ ଚକୋଲେଟ୍ ଦେବାଲାଗି କହିଥିଲା। ନାବାଳିକା ଜଣକ ଆସିବାରୁ ତାଙ୍କୁ ଟ୍ରାକ୍ଟର ଡାଲା ଉପରକୁ ଟେକି ନେଇ ବଳାତ୍କାର କରିଥିବା ପଣ୍ଡାପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପାଇ ଥାନା ଆଇଆଇସି ପଦ୍ମାଳୟା ସାହୁ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ନାବାଳିକାଙ୍କୁ କେନ୍ଦୁଝର ଡାକ୍ତରଖାନାରେ ଡାକ୍ତରୀମାଇନା କରାଇଛନ୍ତି। ନାବାଳକଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତ ନାବାଳକଙ୍କୁ ବିଚାର ବିଭାଗୀୟ ବାଳସୁଧାର ଗୃହକୁ ପଠାଯିବ ବୋଲି ଆଇଆଇସି ପ୍ରକାଶ କରିଛନ୍ତି। ଏ ନେଇ ପଣ୍ଡାପଡ଼ା ଥାନାରେ ଏକ ବଳାତ୍କାର ମାମଲା (ନଂ. ୩୪/୨୦) ବଳାତ୍କାର ମାମଲା ରୁଜୁ କରାଯାଇଛି।

## କୋଳିମାଟିରେ ହଳଦୀ ପାଣିରେ ରଙ୍ଗ ଖେଳିଲେ ଅଞ୍ଚଳବାସୀ

**କୋଳିମାଟି, ୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଆନନ୍ଦପୁର କୋଳିମାଟି ଅଞ୍ଚଳରେ ଛୋଟ ପିଲାଠାରୁ ଆରମ୍ଭ କରି ସମସ୍ତ ଲୋକେ ହୋଲିକୁ ଧୁମଧାମରେ ପାଳନ କରିଛନ୍ତି। କରୋନା ଭାଇରସ ପାଇଁ ଲୋକେ ଅବିରରେ ହୋଲି ଖେଳୁଥିବା ଦେଖିବାକୁ ମିଳିଥିଲା। ଝିଅ ବୋହୂମାନେ ମଧ ବାହାରକୁ ବାହାରି ପରସ୍ପରକୁ ଅବିର ରଙ୍ଗ ଲଗାଇଥିଲେ। ଏହାସହ ପିଲାମାନେ କେମିକାଲ ରଙ୍ଗଠାରୁ ଦୂରେଇ ଯାଇ ପାଚିଲା ବିଲାତିକୁ ଚକଟି ଓ ହଳଦୀକୁ ବାଟି ପାଣିରେ ଗୋଳି ଖେଳିଥିଲେ। ଛୋଟ ପିଲାମାନେ ଡିଜେ ବଜାଇ ରଙ୍ଗ ଖେଳି ନାଚ ଗୀତ କରି ହୋଲିର ମଜା ଉଠାଇଥିଲେ।

## ବନ୍ଧୁକ ଦେଖାଇ ଯୁବକଙ୍କୁ ଆକ୍ରମଣ

**ଯୋଡ଼ା, ୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡ଼ା ସହରର ବସଷ୍ଟାଣ୍ଡ ନିକଟରେ ସୋମବାର ରାତିରେ ସତ୍ୟଜିତ ମାହାର୍ଥା ନାମକ ଯୁବକଙ୍କୁ ବନ୍ଧୁକ ଦେଖାଇ ମରଣାନ୍ତକ ଆକ୍ରମଣ କରିବା ସହିତ ମୋବାଇଲ ଫୋନ ଓ ନଗଦ ୧୧ହଜାର ୨୦୦ଟଙ୍କା ଲୁଟ କରି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସତ୍ୟଜିତ ସୋମବାର ରାତି ପ୍ରାୟ ୧୦ଟା ବେଳେ ତାଙ୍କ ଦୋକାନ ବନ୍ଦ କରି ଖାଇବା ଆଣିବାକୁ ଯାଉଥିବାବେଳେ ଯୋଡ଼ା ବସଷ୍ଟାଣ୍ଡ ନିକଟରେ ୮ରୁ ୧୦ଜଣ ଦୁର୍ବୃତ୍ତ ଆସି ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଜୀବନରେ ମାରିଦେବାର ଧମକ ଦେଇ ମୋବାଇଲ ଓ ଟଙ୍କା ଲୁଟି ନେଇଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା (ନଂ.୫୩/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଯୋଡ଼ା ଥାନା ଆଇଆଇସି ରାଇସେନ ମୁର୍ମୁ ସୂଚନା ଦେଇଛନ୍ତି।

## କରୋନା ଆତଙ୍କରେ ହୋଲି ଖେଳ ଫିକା

**ତେଲକୋଇ, ୧୧।୩(ଡି.ଏନ.ଏ.)**

ବିଶ୍ୱବ୍ୟାପୀ କରୋନାର ଆତଙ୍କ ଖେଳିଯାଇଛି। ଗତ କିଛି ଦିନ ହେଲା ଭାରତରେ ମଧ କରୋନା ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହାକୁ ନେଇ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। କେନ୍ଦୁଝର ଜିଲା ତେଲକୋଇ ବ୍ଲକ ମୁଖ୍ୟାଳୟରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ଅଞ୍ଚଳବାସୀ ଏଥିଲାଗି ହୋଲିଖେଳ ବର୍ଜନ କରିଛନ୍ତି। ପ୍ରତିବର୍ଷ ପରମ୍ପରା ଅନୁଯାୟୀ ହୋଲି ଖେଳ ପାଇଁ ରାଧାକୃଷ୍ଣଙ୍କ ମଣ୍ଡପରେ ଅବିର ପୂଜା ପରେ ଗ୍ରାମବାସୀ ମିଳିତ ହୋଇ ବିଭିନ୍ନ କାର୍ଯ୍ୟାଳୟ ଅଧିକାରୀଙ୍କ ସହିତ ହୋଲି ଖେଳିବା ସହିତ ହୋଲିଖେଳ ପରେ ବଜାର ମଣ୍ଡପରେ ମିଷ୍ଟାନ୍ନ ବଣ୍ଟନ ହୋଇଥାଏ। ହେଲେ କରୋନା ପାଇଁ କଟକଣା ଯୋଗୁ ଅଞ୍ଚଳବାସୀ ହୋଲି ଖେଳକୁ ବାତିଲ କରିଥିଲେ। ତେବେ ବଜାର ଅଞ୍ଚଳରେ ୫/୬ଟି ଦୋକାନ(ହୋଲି)ପାଇଁ ଥିବା ବେପାର ଆଦୌ ହୋଇ ପାରି ନାହିଁ। ହୋଲି ପର୍ବକୁ ନିଆରା ଢଙ୍ଗରେ ପାଳୁଛନ୍ତି ଗୋପାଳ ଭାଇ ମାନେ। ରାଧାକୃଷ୍ଣ ବେଶରେ ବିଭିନ୍ନ ଘରକୁ ଯାଇ ଆଶୀର୍ବାଦ କରୁଥିବା ନେଇ ଲୋକଙ୍କ ମଧରେ ଉତ୍ସାହ ସୃଷ୍ଟି ହୋଇଛି।



ଗୋପାଳ ଭାଇମାନେ ରାଧାକୃଷ୍ଣ ବେଶରେ।

## ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ଘସିପୁରା, ୧୧।୩ (ଡି.ଏନ.ଏ.)**

ଘସିପୁରା ଠାରେ ନବ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ରବିବାର ଅଙ୍କୁରାରୋପଣ ଓ ଯଜ୍ଞ ମଣ୍ଡପ ସ୍ଥାପନ ପରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରାମର ଶତାଧିକ ମହିଳା ଓ ପୁରୁଷ ବୈତରଣୀ ନଦୀ ଝାଡ଼େଶ୍ୱର ଘାଟରୁ ପାଣି ଉଠାଇ କଳସ ଶୋଭାଯାତ୍ରାରେ ଗାଁ ପରିକ୍ରମା କରି ନବ ନିର୍ମିତ ମନ୍ଦିର ପରିସରରେ ପହଞ୍ଚିଥିଲେ। ଏହାପରେ ଘଟ ସ୍ଥାପନ ନୀତି ସମାପନ ହୋଇଥିଲା। ଏହି ଉପଲକ୍ଷେ ଯଜ୍ଞ ମଣ୍ଡପରେ ତିନି ଦିନ ବ୍ୟାପୀ ନାମ ସଂକୀର୍ତ୍ତନ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ବିଗ୍ରହ ପ୍ରତିଷ୍ଠା ପରେ ମୁରାବାଲି ଓ ଘସିପୁରା ଗ୍ରାମର ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ତିନି ଠାକୁରଙ୍କୁ କାନ୍ଧରେ କାନ୍ଧେଇ ଗାଁ ପରିକ୍ରମା କରିଥିଲେ। ଶେଷରେ ଠାକୁରଙ୍କ ନବଯୌବନ ଦର୍ଶନ ନୀତି ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କେନ୍ଦୁଝର ରାଜା ଧନୁର୍ଜୟ ନାରାୟଣ ଭଞ୍ଜଦେଓ ଓ ରାଣୀ ସୁନନ୍ଦିନୀ ଭଞ୍ଜଦେଓ ଯୋଗଦେଇଥିଲେ। ମୁଖ୍ୟ ଆଚାର୍ଯ୍ୟ ରବୀନ୍ଦ୍ର କୁମାର ପାଠୀ ପୂଜା କାର୍ଯ୍ୟ ସମ୍ପାଦନା କରିଥିବା ବେଳେ କର୍ତ୍ତା ଭାବେ ଜଗଦୀସ ସାହୁ ଓ ପ୍ରେମଲତା ସାହୁ ଦାୟିତ୍ୱ ତୁଲାଇଥିଲେ। ଗ୍ରାମବାସୀ ନନ୍ଦକିଶୋର ସାହୁ, ନାରାୟଣ ସାହୁ, ଅଜୟ ସାହୁ, ଫଗୁଚରଣ ସାହୁ, ସାଧୁଚରଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଷ୍ଠା ଉତ୍ସବରେ ତିନି ବିଗ୍ରହଙ୍କ ନବଯୌବନ ବେଶ ଭକ୍ତମାନେ ଦର୍ଶନ କରୁଛନ୍ତି।

## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ପାଟଣା,୧୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ଥାନା ହଳଦୀବଟା ଗ୍ରାମ ନିକଟ ଏକ ହୁଡିରୁ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ମହିଳା ଜଣକ ହେଉଛନ୍ତି ଖାଲିଆରୀ ପାଟଣା ନୂଆଗାଁର କନକ ମହାନ୍ତ। ସୂଚନା ଯୋଗ୍ୟ ଦାମ୍ପତ୍ୟ କଳହକୁ ନେଇ କନକ କିଛିଦିନ ତଳେ ବାପଘରେ ହଳଦୀବଟା ଗ୍ରାମରେ ରହୁଥିଲେ। ସୂଚନା ଅନୁଯାୟୀ ମଙ୍ଗଳ ବାର ସକାଳୁ ଗ୍ରାମର କିଛି ଲୋକ ହୁଡ଼ି କୁ ଯାଇଥିବା ବେଳେ ଏକ ଗଛରେ ଯୁବତୀଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ପରେ ଗାଁ ଲୋକ ପୋଲିସକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୦) ରୁଜୁ କରାଯାଇଛି। ବୁଧବାର ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ମହିଳାଙ୍କ ଆତ୍ମହତ୍ୟା

**ଯୋଡ଼ା,୧୧।୩(ଡି.ଏନ.ଏ.)**

କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଜଲହରୀ କେଏମସି ହଟିଂ ଠାରେ ସୁମିତ୍ରା ମୁଣ୍ଡା(୪୫) ନାମ୍ନୀ ଜଣେ ମହିଳା ବେକରେ ଦଉଡ଼ି ଲଗାଇ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ରାତି ପ୍ରାୟ ୧୦ଘଟିକା ସମୟରେ ସୁମିତ୍ରା ଘର ଭିତରେ ଏକ ଦଉଡିରେ ଫାଶି ଲଗାଇ ଝୁଲୁଥିବା ଦେଖି ତାଙ୍କୁ ତଳକୁ ଓହ୍ଲାଇଥିଲେ ହେଁ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଖବର ପାଇ ବାମେବାରୀ ଥାନା ଓଆଇସି ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୫/୨୦୨୦) ରୁଜୁ ହୋଇ ତଦନ୍ତ ଜାରି ରହିଛି। ମହିଳାଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର କାରଣ ଜଣାପଡ଼ିବ ବୋଲି ବଡ଼ବିଲ ଏସ୍‌ଡ଼ିପିଓ ସତ୍ୟବିକାଶ ଭୂୟାଁ କହିଛନ୍ତି।

## ଜେସିବି ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା

**କେନ୍ଦୁଝର, ୧୧।୩(ଡି.ଏନ୍.ଏ.)**

କେନ୍ଦୁଝର ଜେଲ ନିକଟରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଜେସିବି ଧକ୍କା ଦେଇ ଭାଙ୍ଗିବା ଘଟଣାରେ ସମ୍ପୃକ୍ତ ଜେସିବି ଗାଡିର ଡ୍ରାଇଭରକୁ ଟାଉନ ପୋଲିସ ଅଟକ ରଖିଛି। ବିଦ୍ୟୁତ୍ ଖୁଣ୍ଟ ରାସ୍ତା ଉପରେ ପଡିଯିବାରୁ ଏହି ରାସ୍ତା ଦେଇ ଗାଡିମୋଟର ଚଳାଚଳ ବାଧାପ୍ରାପ୍ତ ହୋଇଛି। ବୁଧବାର ସକାଳେ ଏକ ଜେସିବି ମେସିନ ଚର୍ଚ୍ଚ ଛକ ପଟୁ ଧରଣୀଧର ଛକ ଆଡକୁ ଦ୍ରୁତ ଗତିରେ ଯାଇଥିଲା। ଏଭଳି ଅବସ୍ଥାରେ ଭାରସାମ୍ୟ ହରାଇ ଜେଲ ନିକଟରେ ଥିବା ଏକ ଖୁଣ୍ଟକୁ ଧକ୍କା ଦେଇ ଡିଭାଇଡର ଉପରେ ଜେସିବିକୁ ଚଢାଇ ଦେଇଥିଲା। ଫଳରେ ରାସ୍ତା ଉପରେ ବିଦ୍ୟୁତ ଖୁଣ୍ଟ ଏବଂ ତାର ବିଛାଡି ହୋଇ ପଡିଥିଲା। ଦୁର୍ଘଟଣା ସମୟରେ ପାଖରେ କେହି ନ ଥିବାରୁ କେହି କ୍ଷତିଗ୍ରସ୍ତ ହୋଇନାହାନ୍ତି। ଅପରପକ୍ଷରେ ଉକ୍ତ ଅଞ୍ଚଳରେ ବିଦ୍ୟୁତ ସେବା ମଧ ପ୍ରଭାବିତ ହୋଇଛି। ଖବରପାଇ ଟାଉନ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଜେସିବିକୁ ଜବତ କରିଛନ୍ତି।



ଜେସିବି ଧକ୍କା ଦେବାରୁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି।

## ପଥପ୍ରାନ୍ତ ନାଟକ 'ସ୍ୱୟଂସିଦ୍ଧା'

**କେନ୍ଦୁଝର, ୧୧।୩(ଡି.ଏନ୍.ଏ.)**

ଜିଲା ଆଇନସେବା ପ୍ରାଧିକରଣ କେନ୍ଦୁଝର ତରଫରୁ ଆୟୋଜିତ କ୍ଷୁଦ୍ର ପଥପ୍ରାନ୍ତ ନାଟକ 'ସ୍ୱୟଂସିଦ୍ଧା' ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପରିବେଶିତ କରାଯାଇଥିଲା। ମହିଳା ଅବଳା ଦୁର୍ବଳା ନୁହେଁ ସେ ନିଜେ ନିଜ ଗୋଡରେ ଛିଡା ହୋଇ ସମାଜର ଉଦାହରଣ ସାଜିବାକୁ ସକ୍ଷମ ବୋଲି ଉକ୍ତ ନାଟକରେ ଦୃଶ୍ୟମାନ ହୋଇଛି। ପ୍ରାଧିକରଣର ଅଧକ୍ଷ ପ୍ରାଧିକରଣ ସଚିବ ସୌଦାମିନୀ ବିଶ୍ୱାଳ,ପ୍ରାଧିକରଣ ଅଧିବକ୍ତା ରବୀନ୍ଦ୍ର କୁମାର ସେଠୀଙ୍କ ନିର୍ଦ୍ଦେଶିତ ଓ ପାରାଆଇନ ସ୍ୱେଚ୍ଛାସେବୀ ଅକ୍ଷୟ କୁମାର ଚକ୍ରଙ୍କ ଦ୍ୱାରା ଲିଖିତ ଉକ୍ତ ନାଟକରେ ପାନେଲ ଅଧିବକ୍ତା ଓ ପାରା ଆଇନ ସ୍ୱେଚ୍ଛାସେବୀମାନେ ଅଭିନୟ କରିଥିଲେ। ବିଭିନ୍ନ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ଓ ଅଭିନେତାମାନେ ହେଲେ ପ୍ରିୟଙ୍କା କିନ୍ନର, ଅନୁଶ୍ରୀ କିନ୍ନର, ପର୍ଶୁରାମ ବେହେରା, ଅର୍ଚ୍ଚନା ଦାସ, ଲୋକନାଥ ବାରିକ, ଶିବପ୍ରସାଦ ବାରିକ, ମମତାମୟୀ ନାୟକ, ବନଲତା ଜେନା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କ ଦ୍ୱାରା ଶବ୍ଦ ଗ୍ରହଣ ବ୍ୟବସ୍ଥା ହୋଇଥିବାବେଳେ ତୃତୀୟ ଲିଙ୍ଗ (କିନ୍ନର) ସମ୍ପ୍ରଦାୟଙ୍କୁ ମଧ ଅଭିନୟର ସୁଯୋଗ ପ୍ରଦାନ କରାଯାଇଥିଲା। ଯେଉଁମାନେ କି ପ୍ରାଧିକରଣର ପାରାଆଇନର ସ୍ୱେଚ୍ଛାସେବୀ ଅଛନ୍ତି। ଉକ୍ତ ନାଟକ ଦେଖିବାକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭିଡ ହୋଇଥିଲା। ସମସ୍ତ ବିଚାର ବିଭାଗୀୟ ଅଧିକାରୀଙ୍କ ସମେତ ପ୍ରଶାସନିକ ଅଧିକାରୀ, ପାନେଲ ଅଧିବକ୍ତା, ଓକିଲ ସଂଘ ଅଧିବକ୍ତା, ପାରା ଆଇନ ସ୍ୱେଚ୍ଛାସେବୀ ଓ ସାଧାରଣ ଜନତା ଦର୍ଶକ ହୋଇଥିଲେ। ନାଟକ ପରିବେଷଣକୁ ବାଦ୍ ଦେଲେ ପଦଯାତ୍ରା ଓ ବୈଠକ ମଧ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମଗୁଡିକୁ ପ୍ରାଧିକରଣର ଅକ୍ଷୟ କୁମାର ଧିର, ଅଶୋକ କୁମାର ସାହୁ, ଦେବାନନ୍ଦ ବେହେରା, ଦେବବ୍ରତ କୁମାର ଦାସ ଓ ପ୍ରାଧିକରଣର ସମସ୍ତ କର୍ମୀ ପରିଚାଳନା କରିଥିଲେ।



କଳାକାରମାନଙ୍କ ଦ୍ୱାରା ନାଟକ ପରିବେଷଣ କରାଯାଉଛି।